## ସଂକ୍ଷେପରେ

### ୪ ବଖରା ଘର ସହ ଧାନଗଦା ଜଳିଗଲା



**ରସାଲପୁର, ୧୮।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ଜୟଦେବକସବା ଗ୍ରାମର ସେକ୍ ଆଲ୍ଲାଉଦ୍ଦିନଙ୍କ ଘରେ ମଙ୍ଗଳବାର ନିଆଁ ଲାଗି ୪ ବଖରା ଘର ଏବଂ ଧାନଗଦା ସମେତ ଗୋଟିଏ ମୋଟରସାଇକେଲ, ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ ତାଙ୍କ ପୁଅ ସାମାନ୍ୟ ପୋଡ଼ି ଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ଯାଇଛି। ନିଆଁ ଲାଗିବା ଜାଣିବା ପରେ ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ସରପଞ୍ଚ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଘରେ ଫଶି ରହିଥିବା ପରିବାର ଲୋକଙ୍କୁ ଉଦ୍ଧାର କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି।

### ନଛିପୁର ସ୍କୁଲ ଛାତ୍ରଙ୍କ ସଫଳତା




**ଖଇରା, ୧୮।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ସ୍କୁଲରେ ସୋମବାର ଓ ମଙ୍ଗଳବାର ୨ଦିନ ଧରି ଅନୁଷ୍ଠିତ ହୋଇଥିବା ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତାରେ ଖଇରା ବ୍ଲକ ପଳସା ପଞ୍ଚାୟତ ଅଧୀନ ନଛିପୁର ସ୍କୁଲର ଦଶମ ଶ୍ରେଣୀ ଛାତ୍ର ଚିରଞ୍ଜିବୀ ମିଶ୍ର କମାଲ ଦେଖାଇଛନ୍ତି। ଶକ୍ତି ସଂରକ୍ଷଣ ପାଇଁ ତାଙ୍କ ଦ୍ୱାରା ନିର୍ମିତ ପ୍ରକଳ୍ପ ଜଳ ଉତ୍ତୋଳନ ପଦ୍ଧତିରେ ଅଭିନବୀକରଣ ରାଜ୍ୟ ସ୍ତରକୁ ମନୋନୀତ ହୋଇଛି । ସେ ତାଙ୍କର ଏହି କୃତିତ୍ୱ ଗାଇଡ଼ ଶିକ୍ଷକ ନରହରି ପତ୍ରୀ, ପରିଚାଳନା କମିଟି, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି ।

### ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ସୁନୀତାରାଣୀ



**ସିମୁଳିଆ, ୧୮।୧୨(ଡି.ଏନ.ଏ.):** ମାର୍କୋଣା ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀ ସୁନୀତାରାଣୀ ଯେନା ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ଯୋଗ ଦେବା ପାଇଁ ମନୋନୀତ ହୋଇଛନ୍ତି। 'ନଷ୍ଟିରୁ ସୃଷ୍ଟି' ପ୍ରକଳ୍ପ ପ୍ରଦର୍ଶନ କରି ସେ ବ୍ଲକସ୍ତରୀୟ ଓ ପରେ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ମନୋନୀତ ହୋଇଥିଲେ । ଆସନ୍ତା ୨୧ ରୁ ୨୩ ପର୍ଯ୍ୟନ୍ତ ସମ୍ବଲପୁରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ସେ ତାଙ୍କ ପ୍ରକଳ୍ପ ପ୍ରଦର୍ଶିତ କରିବେ। ଗାଇଡ଼ ଶିକ୍ଷକ କୈଳାସ ଚନ୍ଦ୍ର ବାରିକଙ୍କ ତତ୍ତ୍ୱାବଧାନରେ ସେ ଏହି ପ୍ରକଳ୍ପ ନିର୍ମାଣ କରିଥିଲେ। ସିମୁଳିଆ ତଥା ବିଦ୍ୟାଳୟର ଗୌରବ ବୃଦ୍ଧି ପାଇଁ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଟି.ଭି. ରାଜଲକ୍ଷ୍ମୀ ଶୁଭେଚ୍ଛା ଜଣାଇଛନ୍ତି ।

### ବାଲିଆପାଳରେ ଡାକ ସେବକଙ୍କ ଧାରଣା

**ବାଲିଆପାଳ, ୧୮।୧୨(ସ୍ୱ.ପ୍ର.):** ଅଖିଳ ଭାରତୀୟ ଗ୍ରାମୀଣ ଡାକ ସେବକ ସଂଘ ଓ ଜାତୀୟ ଗ୍ରାମୀଣ ଡାକ ସେବକ ସଂଘ, ବାଲେଶ୍ୱର ଶାଖା ତରଫରୁ ବାଲିଆପାଳ ଓ ପ୍ରତାପପୁର ଉପଡାକଘରର ସମସ୍ତ ଗ୍ରାମୀଣ ଡାକସେବକ ୧୦ ଦଫା ଦାବି ନେଇ ମଙ୍ଗଳବାରଠାରୁ ବାଲିଆପାଳ ଉପଡାକଘର ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହି ଧାରଣାରେ କମଳଲୋଚନ ସାମଲ, ସୂର୍ଯ୍ୟକାନ୍ତ ପାଢ଼ୀ, ରାଜେନ୍ଦ୍ର ବିଶ୍ୱାଳ, ଅନନ୍ତ କୁମାର ଜେନା, ହରେକୃଷ୍ଣ ସିଂ, ପ୍ରଦୀପ କୁମାର ମାଝି, ସଞ୍ଜୀବ କୁମାର ହାଁସଦା, ସମର ରଞ୍ଜନ ଆଚାର୍ଯ୍ୟ, ଚିନ୍ମୟ କୁମାର ସାହୁ, ପର୍ଶୁରାମ ରାଜ, ଶିବ ପ୍ରସାଦ ଦାସ ପ୍ରମୁଖ ଦାବି ପୂରଣ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ନାକେଦମ୍ କଲେଣି ଝାଡ଼ଖଣ୍ଡ ହାତୀ

- ରାଇବଣିଆ ଅଞ୍ଚଳରେ ବ୍ୟାପକ କ୍ଷତି
- ୨୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲେ

**ଜଳେଶ୍ୱର, ୧୮।୧୨ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ବରଡିହା ପଞ୍ଚାୟତର ଲୁହାପଡ଼ା ଓ ଖୁଆଡ଼ ପଞ୍ଚାୟତର କେନ୍ଦୁଖୁଣ୍ଟା ଅଞ୍ଚଳରେ ୭ ଦିନ ହେଲା ୭୦ରୁ ଊର୍ଦ୍ଧ୍ୱ ଝାଡ଼ଖଣ୍ଡୀ ହାତୀ ଉପଦ୍ରବ ଜାରି ରଖିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ହାତୀପଲ ୨ ଗ୍ରାମରେ ପଶି ୨୦ ରୁ ଊର୍ଦ୍ଧ୍ୱ ଘରକୁ ଭାଙ୍ଗିବା ସହ ଲକ୍ଷାଧିକ ଟଙ୍କା ମୂଲ୍ୟର ଅମଳଧାନକୁ ଉଜାଡ଼ି ଦେଇଛନ୍ତି। ଲୋକମାନେ ଜୀବନକୁ ବଞ୍ଚାଇବା ପାଇଁ ଘରଦ୍ୱାର ଛାଡ଼ି ଅନ୍ୟତ୍ର ରହିବାକୁ ବାଧ ହେଉଛନ୍ତି। ହାତୀପଲ ଦିନବେଳା ଲୁହାପଡ଼ା ଓ କେନ୍ଦୁଖୁଣ୍ଟା ଜଙ୍ଗଲରେ ଲୁଚି ରହୁଛନ୍ତି। ସନ୍ଧ୍ୟା ହେଲେ ଜନବସତି ଅଞ୍ଚଳରେ ଆସି ଉତ୍ପାତ କରୁଛନ୍ତି।



ହାତୀ ଭାଙ୍ଗିଦେଇଥିବା ଘର।

ବନବିଭାଗ ତରଫରୁ ହାତୀପଲକୁ ଘଉଡାଯାଉଥିଲେ ମଧ ସେମାନେ କିଛି ବାଟ ଯାଇ ପୁଣି ଫେରି ଆସୁଛନ୍ତି। ଏହାକୁ ନେଇ ଉଭୟ ବନବିଭାଗ ଓ ପ୍ରଶାସନ ନାକେଦମ୍ ହୋଇପଡିଛନ୍ତି। ମଙ୍ଗଳବାର ଡିଏଫ୍ଓ ବିଶ୍ୱରାଜ ପଣ୍ଡା ନିଜେ ଉପସ୍ଥିତ ରହି ହାତୀପଲର ଗତିବିଧି ଉପରେ ନଜର ରଖିଛନ୍ତି। ତାଙ୍କ ସହିତ ଜଳେଶ୍ୱର ରେଞ୍ଜର ଦେବେନ୍ଦ୍ର ପାତ୍ର, ଅନ୍ୟ ଜଣେ ରେଞ୍ଜର ମନ୍ୱାର ଖାନ ଓ ୪୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ଏବଂ ୧୦୦ ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ହାତୀ ଘଉଡ଼ାଇବାରେ ସାମିଲ ହୋଇଛନ୍ତି। ଅପରପକ୍ଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲ ପ୍ରଶାସନ ତରଫରୁ କ୍ଷତିଗ୍ରସ୍ତ ଲୋକଙ୍କୁ ପଲିଥିନ ପ୍ରଦାନ କରାଯିବା ସହିତ ବ୍ଲକ ପ୍ରଶାସନ ତରଫରୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି।

■ ସରିଲା ଜିଲାସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ

# ୩୪ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

**ବାଲେଶ୍ୱର ଅଫିସ,୧୮।୧୨**

ବାଲେଶ୍ୱର ଜିଲା ସ୍କୁଲ ପରିସରରେ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ପ୍ରୋତ୍ସାହନପ୍ରାପ୍ତ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତା ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ଜିଲାର ୯ଟି ବ୍ଲକରୁ ୩୫୦ଟି ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା। ପ୍ରତିଯୋଗିତାରେ ଖଇରା ବ୍ଲକ ଗଡ଼ପୋଖରୀ ହାଇସ୍କୁଲ ଛାତ୍ରୀ ମଧୁସ୍ମିତା ସେଠୀ ପ୍ରଥମ, ସୋର ବ୍ଲକର ସବିରା ହାଇସ୍କୁଲର ଛାତ୍ରୀ ଦେବୀଦତ୍ତା ପଣ୍ଡା ଦ୍ୱିତୀୟ ଓ ବସ୍ତା ବ୍ଲକର କଇଁନଗରୀ ସ୍କୁଲର ଛାତ୍ରୀ ଶ୍ୱେତ ସ୍ୱରୂପା ମଣ୍ଡଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିସହିତ ସହିତ ଅନ୍ୟ ୩୧ଟି ପ୍ରକଳ୍ପ ନୂଆବର୍ଷର ପ୍ରଥମ ସପ୍ତାହରେ ପୁରୀଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲା।




ଉଦ୍ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି।

ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ଉପଜିଲାପାଳ ନୀଲୁ ମହାପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅଜୟ କୁମାର ସେଠୀ, ଜିଲା ପ୍ରକଳ୍ପ ସଂଯୋଜକ ସୁରେନ୍ଦ୍ର ପ୍ରସାଦ ଶଙ୍ଖୁଆ, ଜିଲା ସ୍କୁଲର ପ୍ରଧାନଶିକ୍ଷକ ପ୍ରଫୁଲ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଦର୍ଶିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମାନବ ସେବାରେ ନିୟୋଜିତ ହେଲେ ଏବଂ ପ୍ରଦର୍ଶନୀର ଉଦ୍ଦେଶ୍ୟ ସଫଳ ହେବ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ରତିକାନ୍ତ ବେହେରା ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ଜିଲା ବିଜ୍ଞାନ ପରିଦର୍ଶକ କମଳ ବିହାରୀ ଦାସ ଧନ୍ୟବାଦ ଦେଇଥିଲେ।

## ଘଣ୍ଟାଏ ରାସ୍ତାରୋକୋ

**ବାଲେଶ୍ୱର ଅଫିସ, ୧୮।୧୨**

ବାଲେଶ୍ୱର ଟାଉନ ଥାନା ଅଧୀନସ୍ଥ ବଙ୍କାଖେଜୁର ଛକରୁ ସଲ୍ଟରୋଡ୍ ରାସ୍ତା କାଦରବାଦ ଛକରେ ହାସରତୁନ ବିବିଙ୍କ ଘରକୁ ଯାଇଥିବା ବିଦ୍ୟୁତ୍ ତାର ଏକ ପିକଅପ୍ ଭ୍ୟାନ୍ ଲାଗି ଛିଣ୍ଡିଯାଇଥିଲା। ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରି ଗାଡ଼ିକୁ ଅଟକାଇ ୧ ଘଣ୍ଟା ରାସ୍ତାରୋକୋ କରିଥିଲେ। ମଙ୍ଗଳବାର ପିକଅପ୍ ଭ୍ୟାନ୍‌ରେ ପ୍ଲାଷ୍ଟିକ୍ ପାଇପ୍ ବୋଝେଇ ହୋଇ ଯାଉଥିଲା। ଉକ୍ତ ଛକରେ ବିଦ୍ୟୁତ୍ ଖୁଣ୍ଟରୁ ରାସ୍ତା ଉପର ଦେଇ ଯାଇଥିବା ହାସରତୁନ ବିବିଙ୍କ ତାର ଲାଗିଯିବାରୁ ତାହା ଛିଣ୍ଡିବା ସହ ମିଟର ବାକ୍ସ ଏବଂ ଆଣ୍ଟିନା ଉପୁଡି ରାସ୍ତାରେ ପଡ଼ି ଯାଇଥିଲା। ଏନେଇ ସ୍ଥାନୀୟ ଲୋକ ଏବଂ ପିକଅପ୍ ଭ୍ୟାନ୍‌ର ଡ୍ରାଇଭରଙ୍କ ମଧ୍ୟରେ ଉତ୍ତେଜନା ହୋଇ ୧ଘଣ୍ଟା ରାସ୍ତାରୋକୋ କରାଯାଇଥିଲା। ଘଟଣାସ୍ଥଳରେ ଟାଉନ୍ ଥାନା ଆଇଆଇସି ସରୋଜିନୀ ନାୟକ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ଗୋଟିଏ ରାତିରେ ୪ ମନ୍ଦିରରୁ ଚୋରି

**ଖଇରା ଅଞ୍ଚଳରେ ଚୋରଙ୍କ ଉତ୍ପାତ**

**ଖଇରା, ୧୮।୧୨(ଡି.ଏନ.ଏ.)**

ଖଇରା ବ୍ଲକ ଅଞ୍ଚଳରେ ଚୋରମାନେ ଦୋକାନ ଚୋରି ପରେ ଏବେ ମନ୍ଦିର ଉପରେ ଆଖି ପକାଇଛନ୍ତି। ୩ଦିନ ତଳେ ଚୋରମାନେ ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ରପେୟା ପଞ୍ଚାୟତର ୫ଟି ମନ୍ଦିରରେ କଳାକନା ବୁଲାଇବା ପରେ ସୋମବାର ମାଖନପୁର ପଞ୍ଚାୟତର ବକ୍ରେଶ୍ୱର ମନ୍ଦିର ଓ ତତ୍ ସଂଲଗ୍ନ ଦୁର୍ଗା ଓ ଶନି ମନ୍ଦିରର ପଛ ପଟ କବାଟ ଭାଙ୍ଗି ଶିବ ଓ ଦୁର୍ଗାଙ୍କର ରୁପା ମୁକୁଟ, ରୁପା ଓ ତମ୍ବା ନାଗ ହୁଣ୍ଡିବାକ୍ସରେ ଥିବା ଦାନଅର୍ଥ ଆଦି ଚୋରାଇ ନେଇଥିବା ମନ୍ଦିର କମିଟି ସଭାପତି ବରେନ୍ଦ୍ର ପାଣି ଖଇରା ଥାନାରେ ଅଭିଯୋଗରେ ଦର୍ଶାଇଛନ୍ତି । ପରେ ଦୁଲାରପୁର ଗ୍ରାମର ବାସୁଳି ଠାକୁରାଣୀ ମନ୍ଦିରରେ ମା'ଙ୍କର ସୁନା ଓ ରୁପା ଆଖି, କମର ବନ୍ଧ, ଚିତା, ପାଦୁକା ରୁପା ବେଲପତ୍ର ନେଇ ଚମ୍ପଟ ମାରିଥିବାର ଜଣାଯାଇଛି । ଖଇରା ଥାନା ଏସ୍ଆଇ ସୂର୍ଯ୍ୟକାନ୍ତ ସେଠୀ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି । ୧୨ଘଣ୍ଟା ବିତିଯାଇଥିଲେ ହେଁ ମାମଲା ରୁଜୁ ହୋଇ ନ ଥିବାର ଅଭିଯୋଗ ହୋଇଛି। ୭ଦିନ ପୂର୍ବରୁ ଏହି ମାଖନପୁର ପଞ୍ଚାୟତର ତରାଙ୍ଗ ଛକରେ ଥିବା ୫ ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିବା ପରେ ମନ୍ଦିରଗୁଡ଼ିକରେ ଚୋରି ପୋଲିସକୁ କଡା ଚ୍ୟାଲେଞ୍ଜ କରିଛନ୍ତି। ତଦନ୍ତକାରୀ ଖଇରା ଥାନା ଏସ୍ଆଇ ସୂର୍ଯ୍ୟକାନ୍ତ ସେଠୀଙ୍କୁ ଏ ସମ୍ପର୍କରେ ପଚାରିବାରେ ପ୍ରାଥମିକ ତଦନ୍ତ ସରିଛି । ଆଉ କିଛି ବକେୟା କାର୍ଯ୍ୟ ସରିବା ପରେ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି ।

# ଭାଜପାର ରାସ୍ତାରୋକୋ

**ବାଲେଶ୍ୱର ଅଫିସ, ୧୮।୧୨**

ବାଲେଶ୍ୱର ଟାଉନ ଥାନା ଛକଠାରୁ ବାଲିଘାଟ ଏବଂ ବୈଦ୍ୟନାଥ ସ୍କୁଲଠାରୁ ବାଲିଘାଟ ପର୍ଯ୍ୟନ୍ତ ରାସ୍ତା ଦୁରବସ୍ଥାକୁ ସୁଧାରିବା ପ୍ରତିବାଦରେ ଭାଜପା, ବାଲେଶ୍ୱର ନଗର ଶାଖା ପକ୍ଷରୁ ସୋମବାର ମଣ୍ଡଳ ବଜାରସ୍ଥିତ ଜଗନ୍ନାଥ ମନ୍ଦିର ଛକ ଏବଂ ବୈଦ୍ୟନାଥ ସ୍କୁଲ ଛକଠାରେ ରାସ୍ତାରୋକୋ କରାଯାଇଥିଲା। ବାଲେଶ୍ୱର ପୌରପାଳିକାର ଚରମ ଅବହେଳା ଯୋଗୁ ଠିକାଦାରମାନେ ରାସ୍ତା ମରାମତି ଓ ନିର୍ମାଣ କାର୍ଯ୍ୟକୁ ଦୀର୍ଘଦିନ ଧରି ପକାଇ ରଖିଛନ୍ତି। ଏଥିରେ ପ୍ରଶାସନିକ ଅଧିକାରୀମାନେ ଜାଣି ମଧ ନୀରବଦ୍ରଷ୍ଟା ସାଜୁଛନ୍ତି ବୋଲି ଭାଜପା ପକ୍ଷରୁ ପ୍ରତିବାଦ କରାଯାଇଛି। ଦୀର୍ଘ ୨ଘଣ୍ଟା ଧରି ରାସ୍ତାରୋକୋ ପରେ ପୋଲିସ ସମେତ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ କାହ୍ନୁଚରଣ ମଲ୍ଲିକ ପହଞ୍ଚି ଦୁଇଦିନ ମଧ୍ୟରେ କାମ ଆରମ୍ଭ ହେବାର ପ୍ରତିଶ୍ରୁତି ଦେଇଥିଲେ।

## ଶାରୀରିକ ଶିକ୍ଷା ପୂର୍ଣ୍ଣାଙ୍ଗ ଶିକ୍ଷାର ଭିତ୍ତିଭୂମି

**ଔପଦା,୧୮।୧୨(ଡି.ଏନ.ଏ.)**

ଔପଦା ବ୍ଲକ ସଦର ନିକଟସ୍ଥ ଦରଖୋଳିଠାରେ ଶ୍ରୀମା ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର (ମୀରା) ପରିସରରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ଶିକ୍ଷା ସଙ୍ଗଠକ ନାରାୟଣ ଅଗସ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବିଭାଗରେ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ।

## ୪ ସମିତିରେ ଖୋଲିଲା ଧାନ ମଣ୍ଡି

**ବାହାନଗା, ୧୮।୧୨(ଡି.ଏନ.ଏ.)**

ବାହାନଗା ବ୍ଲକର କଲ୍ୟାଣି ସମବାୟ ସେବା ସମିତି, ବରିପଦା ସେବା ସମବାୟ ସମିତି, ପଣପଣା ସେବା ସମବାୟ ସମିତି, ସାଉଡୁ ସେବା ସମବାୟ ସମିତିରେ ଆନୁଷ୍ଠାନିକ ଭାବେ ଧାନମଣ୍ଡି ଖୋଲାଯାଇଛି। ଜିଲା ସମବାୟ ବ୍ୟାଙ୍କର ଉପନିବନ୍ଧକ ସନ୍ତୋଷ କୁମାର ମହାନ୍ତି ଏହାକୁ ଉଦଘାଟନ କରିଥିଲେ। କଲ୍ୟାଣି ସେବା ସମବାୟ ସମିତିର ମଣ୍ଡିକୁ ସୋର ବିଧାୟକ ପର୍ଶୁରାମ ଧଡା ଉଦ୍‌ଘାଟନ କରିଥିଲେ। ଏନେଇ ସେଠାରେ ଏକ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ସମିତି ସଭାପତି ଡା. ଆଲୋକ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଡିଆରସିଏସ ସନ୍ତୋଷ କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ଜିଲା ଆରଏମ୍‌ସିଏସ ସମ୍ପାଦକ ସୁଶାନ୍ତ କୁମାର ଦାସ, ବାହାନଗା ବ୍ଲକ ଗୋପାଳପୁର ଶାଖା କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ରମେଶ ଚନ୍ଦ୍ର ରଥ, ପ୍ରଭାକର ମିଶ୍ର, ନିଳାମ୍ବର ମହାଳିକ, ପ୍ରତାପ କୁମାର ଜେନା, ପର୍ଶୁରାମ ଦାସ ଓ ବିଜୟ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଚାଷ ସମ୍ପର୍କୀତ ଯୋଜନା ବିଷୟରେ ବୁଝାଇଥିଲେ। ସେହିପରି ପଣପଣା ସମବାୟ ସେବା ସମିତିରେ ଧାନମଣ୍ଡିକୁ ଜିଲା ଡିଆରସିଏସ ସନ୍ତୋଷ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ବରିପଦା ସେବା ସମବାୟ ସମିତିରେ ଉପନିବନ୍ଧକ ସନ୍ତୋଷ କୁମାର ମହାନ୍ତି ଉଦଘାଟନ କରିଥିଲେ। ଏଥିରେ ସମିତି ସମ୍ପାଦକ ସନ୍ଦୀପ କୁମାର ପାଢୀ, ସଭାପତି ରଜନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବାହାନଗା କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ରଥ ଯୋଗ ଦେଇଥିଲେ । ସେହିପରି ପଣପଣା ସମିତିର ଉଦ୍‌ଘାଟନୀ ଉତ୍ସବରେ ସମିତି ସଭାପତି ଶରତ ଚନ୍ଦ୍ର ମହାପାତ୍ର, ସମ୍ପାଦକ ପ୍ରଦୀପ କୁମାର ଦାଶ ଯୋଗ ଦେଇଥିଲେ।

# କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି

**ରେମୁଣା, ୧୮।୧୨(ଡି.ଏନ.ଏ.)**

ରେମୁଣା ହାଇସ୍କୁଲର ୭୪ ତମ ବାର୍ଷିକ ସାମ୍ବତ୍ସରିକ ସମାରୋହ ପ୍ରଧାନଶିକ୍ଷୟିତ୍ରୀ ଅନୁପମା ନାୟକଙ୍କ ପୌରୋହିତ୍ୟ ଅନୁଷ୍ଠିତ ହୋଇଯାଇଛି। କଠିନ ପରିଶ୍ରମ ଓ ଧୈର୍ଯ୍ୟର ସହ କାର୍ଯ୍ୟ କଲେ ସଫଳତା ନିଶ୍ଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉଚ୍ଚଶିକ୍ଷାମନ୍ତ୍ରୀ ଅନନ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଆମେରିକାର ଭର୍ଜିନିଆ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନର ମୁଖ୍ୟ ତଥା ରେମୁଣା ହାଇସ୍କୁଲର ପୂର୍ବତନ ଛାତ୍ର ପ୍ରଫେସର ଡଃ ପୁରୁଷୋତ୍ତମ ଜେନାଙ୍କ ଦ୍ୱାରା ପ୍ରଦତ୍ତ ୫ଲକ୍ଷ ୪୪ ହଜାର ଟଙ୍କାର ଲାଇବ୍ରେରିକୁ ଶିଳାନ୍ୟାଶ କରିଥିଲେ। ଫକୀରମୋହନ ବଶ୍ୱବିଦ୍ୟାଳୟର କୁଳପତି ମଧୁମିତା ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ପ୍ରଫେସର ଡଃ ପୁରୁଷୋତ୍ତମ ଜେନା, ରେମୁଣା ଗୋଷ୍ଠୀ ଶିକ୍ଷାଧିକାରୀ ଅଚ୍ୟୁତାନନ୍ଦ ମଣ୍ଡଳ ଯୋଗଦେଇ ସରକାରଙ୍କର ଶିକ୍ଷା ବ୍ୟବସ୍ଥାକୁ କଡ଼ା ସମାଲୋଚନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପ୍ରଧାନ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତୀ ଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ପ୍ରଦୀପ ମିଶ୍ର ମଞ୍ଚ ଆହ୍ୱାନ କରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ହେମପ୍ରଭା ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ତପନ ମିଶ୍ର, ହରିଶ୍ଚନ୍ଦ୍ର ପଣ୍ଡା, ତୋଫାନ ସିଂ, ପର୍ଶୁରାମ ସାସମଲ, ସତ୍ୟନାରାୟଣ ଦାସ, ପୂରବୀ ପଣ୍ଡା, ନିକିତା ପ୍ରଧାନ, ରଞ୍ଜୁରାଣୀ ଦାସ ମହାପାତ୍ର, ସତ୍ୟଭାମା ସିଂହ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ପରିଚାଳନା କମିଟିର ସଦସ୍ୟାସଦସ୍ୟ, ଛାତ୍ରୀଛାତ୍ର, ଅଭିଭାବକ ଓ ଅଣଶିକ୍ଷକ କର୍ମଚାରୀ ସହାୟତା କରିଥିଲେ।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



**ସେଲ୍‌ଫି କର୍ନର**



ସୁରଜ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)


**Office of the Chief Engineer**
**Dam Safety Secha Sadan, Unit-V, Odisha, Bhubaneswar**
Phone: 0674 - 2531935 / Fax - 0674 - 2531934
E-mail: cedamsafety.odisha@gmail com
No-CE-DS-DRIP-160/2018- Dated the

**CANCELLATION OF E-PROCUREMENT NOTICE No. CEDS-03/2018-19**

No.975-A: This is for the information of all concerned that the e-procurement Notice No CEDS- 03/2018-19 dated 26.11.2018 for the work "Supply, Installation, Operation & Maintenance of Integrated Operation Control cum Training Centre of the State Dam Safety Organization of Odisha under DRIP at Bhubaneswar - Project funded by World Bank" is hereby cancelled on administrative ground.

32314/11/0026/1819 **Sd./- Chief Engineer, Dam Safety**

**TENDER CALL NOTICE**

**Tender Notification No.: 2684 Dt.: 17.12.2018**

No. 124-L: Deputy Director of Horticulture, Mayurbhanj, Baripada invites Technical & Financial Bids from the registered firms and producers for supply of Lemon Grass Slips of variety Krishna (Cymbopogon flexosus) for utilization in RKVY and MGNREGS plantations during 2018-19. An earnest money deposit of Rs.5,000/- (Rupees five thousand) only per product & the tender must be accompanined with EMD in shape of Bank Draft in any Nationalzied Bank payable at Baripada in favour of Deputy Director of Horticulture, Mayurbhanj, Baripada. The tender paper can be obtained from O/o. DDH, Mayurbhanj on payment of Rs.500/- (Rupees five hundred) only (non-refundable) in working days from the date of publication of this notice till 27.12.2018. The same can be downloaded from the district website at **www.mayurbhanj.nic.in** and in such case the DD of Rs.500/- on refund is to be attached with tender paper towards cost of tender paper.

Tender paper completed in all respect along with all required documents should reach at Office of the DDH, Mayurbhanj, Baripada on or before 27.12.2018.

| | | |
|---|---|---|
| Date of Closing of Sale of Tender Paper | - | 27.12.2018 at 5.00 P.M. |
| Date of Closing of submission of Technical Bid and Financial Bid | - | 27.12.2018 at 5.00 P.M. |
| Date of Opening of Technical and Financial Bid | - | 28.12.2018 at 11.00 A.M. |

**Sd./- Deputy Director of Horticulture**
**Mayurbhanj, Baripada**
01059/11/0002/1819

Government of Odisha, Department of Water Resources,
**OFFICE OF THE SUPERINTENDING ENGINEER**
**BOLANGIR IRRIGATION CIRCLE, BOLANGIR**
e-mail-sebalangir@gmail.com, Phone No.-06652-250483
e-Procurement Notice No. SEBOIC 07 of 2018-19
BID IDENTIFICATION NO. – SEBOIC-BID-07 OF 2018-19

No. / Dated,

**No.968-A:-** The Superintending Engineer, Balangir Irrigation Circle, Balangir on behalf of His Excellency, the Governor of Odisha invites online Percentage rate tenders in double cover system to be received in online mode only for the works as detailed below.

1. Nature of work : Civil
2. Number of works. : Three
3. Approximate amount put to tender. : Rs.118.65 lakh to Rs.131.78 lakh
4. Period of completion : 3 (Three) Calendar months.
5. Date & time of availability of Bid document in the portal : Dt. 26.12.2018-10.00 AM to 10.01.2019 up to 5.00 PM
6. Last date & time of seeking Tender clarification. : Dt. 26.12.2018 - 10.00 AM to 10.01.2019 up to 5.00 PM during office hours
7. Last date & time of receipt of Bids in the portal. : Dt. 10.01.2019- up to 5.00 PM
8. Date, time & place of opening of bids in the portal. :
   a) Technical Bids (Cover-I) : Dt. 11.01.2019 at 11.30 AM- in the office of the Superintending Engineer, Balangir Irrigation Circle, Balangir
   b) Financial Bids (Cover-II) : To be intimated after evaluation of Technical Bids.
9. Name & address of the officer Inviting bid. : Superintending Engineer, Balangir Irrigation Circle, Balangir. At-Laltikra, P.O- Rajendra College, Dist: Balangir, PIN-767002.
10. Any corrigendum required will be made available in Govt. web-site only.

Further details can be seen from the e-procurement portal- https://tendersorissa.gov.in

**SUPERINTENDING ENGINEER**
**BALANGIR IRRIGATION CIRCLE, BALANGIR**
32172/11/0010/1819

## ସଂକ୍ଷେପରେ

### ପେଥାଇ ପ୍ରଭାବରେ ମୟୂରଭଞ୍ଜରେ ବର୍ଷା

**ବାରିପଦା ଅଫିସ,୧୮।୧୨:** ପେଥାଇ ପ୍ରଭାବରେ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳର ବର୍ଷା ହୋଇଛି। ଏହା ସହିତ ଶୀତର ଲହରୀ ମଧ ଜାରି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଜିଲା ଜରୁରୀ କାର୍ଯ୍ୟାଳୟ ତରଫରୁ ମିଳିଥିବା ସୂଚନା ମୁତାବକ ଜିଲାରେ ମୋଟ ୭୬୪.୮୮ ମି.ମି. ବର୍ଷା ହୋଇଛି। ତିରିଂରେ ସବୁଠୁ ଅଧିକାର ୬୦ ମି.ମି. ବର୍ଷା ରେକର୍ଡ ହୋଇଥିବାବେଳେ ସବୁଠୁ କମ ବେତନଟୀ ବ୍ଲକରେ ୫ ମି.ମି. ବର୍ଷା ହୋଇଛି। ତେବେ କୌଣସି ସ୍ଥଳନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜଣାପଡ଼ିଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରାଇରଙ୍ଗପୁର, ୧୮।୧୨ (ଡି.ଏନ.ଏ.):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମହୁଲଡିହା ଗ୍ରାମର ପ୍ରଦୀପ କୁମାର ପାତ୍ର (୪୦)ଙ୍କ ମଙ୍ଗଳବାର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ପରିବାର ଲୋକେ ଗୁରୁତର ଅବସ୍ଥାରେ ପ୍ରଦୀପଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୬/୧୮) ରୁଜୁ କରିଛି।

### ଦର୍ଶନ ଲାଗୁନଙ୍କ ବିୟୋଗରେ ଶୋକ

**କପ୍ତିପଦା, ୧୮।୧୨(ଡ଼ି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆରେ ସହକାରୀ ଜିଲାପାଳ ଭାବେ କାର୍ଯ୍ୟରତ ଥିବା ଦର୍ଶନ ଲୁଗୁନ୍‌ଙ୍କ ଅକାଳ ବିୟୋଗରେ କପ୍ତିପଦା ମହାବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଲୋକସଭା ଆୟୋଗ ପରୀକ୍ଷାରେ କୃତକାର୍ଯ୍ୟ ହେବା ପୂର୍ବରୁ ସେ କପ୍ତିପଦା ମହାବିଦ୍ୟାଳୟରେ ଇତିହାସ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟରତ ଥିଲେ। ଉଚ୍ଚ ରକ୍ତଚାପ ଯୋଗୁଁ ତାଙ୍କର ଅକାଳ ବିୟୋଗ ଘଟିଥିଲା । ଏହି ଅବସରରେ ମହାବିଦ୍ୟାଳୟ ଅଧକ୍ଷ ଦିଲୀପ କୁମାର ସିଂହଙ୍କ ଅଧକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା।

### ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତା
### ମୟୂରଭଞ୍ଜ ଦଳର କାମାକ୍ଷାନଗର ଗସ୍ତ

**ବାରିପଦା ଅଫିସ,୧୮।୧୨:** ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଭଲିବଲ ଚୟନ ଶିବିରରୁ ଚୟନ ହୋଇ ୧୨ଜଣ ପୁରୁଷ ଏବଂ ୧୨ଜଣ ମହିଳା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ କାମାକ୍ଷାନଗର ଗସ୍ତ କରିଛନ୍ତି। ଜିଲା ଆଥଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ଏନେଇ ସୂଚନା ଦେଇଛନ୍ତି। ଉଭୟ ଦଳରେ କୋଚ ଭାବେ ଦେବକାନ୍ତ ନାୟକ ଏବଂ ମ୍ୟାନେଜର ଭାବେ ନିତ୍ୟାନନ୍ଦ ନାୟକ ଓ ରିତା ମହାନ୍ତି ରହିଛନ୍ତି।

### ଖୋଲିଲା ପ୍ରତାପପୁର ଧାନମଣ୍ଡି

**ବଡସାହି,୧୮।୧୨(ସ୍ୱ.ପ୍ର.):** ବହୁ ପ୍ରତିକ୍ଷା ପରେ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ସାନକେରକୋ ଲ୍ୟାମ୍ପ ଅଧୀନରେ ଥିବା ପ୍ରତାପପୁର ଧାନ ମଣ୍ଡି ଖୋଲିଛି । ମୟୂରଭଞ୍ଜ ସମବାୟ ସମିତିର ସଭାପତି ରାଜକିଶୋର ଆଚାର୍ଯ୍ୟ ଏହାର ଉଦ୍‌ଘାଟନ କରିଛନ୍ତି । ଅନ୍ୟମାନଙ୍କ ମଧରେ ଲ୍ୟାମ୍ପ ସଭାପତି ଛତିଶ ଚନ୍ଦ୍ର ସିଂ, ଆର୍‌ଏମ୍‌ସିର ସମ୍ପାଦକ ସୁଧାକର ସାହୁ, କର୍ମଚାରୀ ପ୍ରାଣକୃଷ୍ଣ ମନ୍ତ୍ରୀ, ପିପିଓ ପାନଦେବ ଗିରି ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ । ଧାନର ମାନକୁ ନିର୍ଣ୍ଣୟ କରି ସେମାନଙ୍କୁ ତୁରନ୍ତ ଉପଯୁକ୍ତ ମୂଲ୍ୟ ପ୍ରଦାନ କରିବା ପାଇଁ ଚାଷୀମାନେ ଦାବି କରିଥିଲେ । ଚଳିତ ବର୍ଷ ପ୍ରଥମ ଦିବସରେ ୭୨୦ କୁଇଣ୍ଟାଲ ଧାନ କ୍ରୟ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ପ୍ରଥମ ପଦାକ୍ଷେପ ସ୍ୱରୂପ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ୧୮ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି । ପ୍ରଥମ ଦିନରେ ୧୪ଚାଷୀଙ୍କଠାରୁ ୪ଶହ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ କ୍ରୟ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ପଞ୍ଜୀକୃତ କ୍ଷୁଦ୍ର ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବ ବୋଲି ବିଭାଗ ପକ୍ଷରୁ ସ୍ଥିର ହୋଇଛି । ଏହି ମଣ୍ଡିରେ ପ୍ରତି ସପ୍ତାହର ସୋମବାର ଓ ଶନିବାର ଧାନ କ୍ରୟ କରାଯିବ ବୋଲି ବିଭାଗ ସୂତ୍ରରୁ ଜଣାଯାଇଛି। ତେବେ ଚାଷୀଙ୍କ ସ୍ୱାର୍ଥ୍ୟ ଦୃଷ୍ଟିରୁ ଧାନର ମାନ ସଠିକ ଭାବେ ନିର୍ଣ୍ଣୟ କରାଯାଇ ଧାନ କ୍ରୟ କରାଯାଇଛି ବୋଲି ଲ୍ୟାମ୍ପ ଏମଡି କହିଛନ୍ତି। ସେହିପରି ବଡ଼ସାହି ଲ୍ୟାମ୍ପରେ ମଧ ମଣ୍ଡି ଖୋଲାଯାଇଛି ।

# ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦର ମିଶ୍ରିତ ପ୍ରଭାବ

- ଦିନ ୨ ଟା ପରେ ଯାନବାହନ ଚଳାଚଳ
- ଖୋଲା ରହିଥିଲା ସରକାରୀ କାର୍ଯ୍ୟାଳୟ
- ଭାଜପା ପ୍ରତି ଜନ ସମର୍ଥନ ନାହିଁ- ବିଜେଡି
- ବନ୍ଦ ସଫଳ ବୋଲି କହିଲା ଭାଜପା

**ବାରିପଦା ଅଫିସ,୧୮।୧୨**


ଭାଜପା ଜିଲା ସଭାପତି ଓ ଅନ୍ୟମାନେ ବାରିପଦାରେ ରାସ୍ତାରୋକୋ କରିଛନ୍ତି।

ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମୟୂରଭଞ୍ଜ ଜିଲା ଉପେକ୍ଷିତ ହେଉଥିବା ଅଭିଯୋଗ ଆଣି ଭାଜପା ପକ୍ଷରୁ ଦିଆଯାଇଥିବା ମୟୂରଭଞ୍ଜ ବନ୍ଦ ଡାକରାର ମିଶ୍ରିତ ପ୍ରଭାବ ଜିଲାରେ ଦେଖିବାକୁ ମିଳିଛି। ଭାଜପା ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ମୟୂରଭଞ୍ଜ ଜିଲା ବନ୍ଦ ଡାକରା ଦିଆଯାଇଥିଲା। ହେଲେ କାଁ ଭାଁ କିଛି ସରକାରୀ କାର୍ଯ୍ୟାଳୟକୁ ଛାଡି ଦେଲେ ପ୍ରାୟ ସମସ୍ତ ସରକାରୀ କାର୍ଯ୍ୟାଳୟ ଖୋଲା ରହିଥିଲା। ଅପରାହ୍ନ ୨ ଟା ପରେ ସହର ସମେତ ଜାତୀୟ ରାଜପଥରେ ଅଟକି ରହିଥିବା ଭାରିଯାନଗୁଡ଼ିକ ଚଳାଚଳ କରିଥିଲା। ହେଲେ ଗ୍ରାମାଞ୍ଚଳରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଥିଲା।

ସକାଳୁ ଝିପି ଝିପି ବର୍ଷା ସତ୍ତ୍ୱେ ଭାଜପା କର୍ମୀମାନେ ୧୮ ଓ ୪୯ ନମ୍ବର ଜାତୀୟ ରାଜପଥ ବିଭିନ୍ନ ସ୍ଥାନରେ ବନ୍ଦ କରିଥିଲେ। ସେହିପରି ବାରିପଦା ସହରରେ ଜିଲା ସଭାପତି ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ କର୍ମୀମାନେ ପିକେଟିଂ କରି କୋର୍ଟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ କରିଥିଲେ। ହେଲେ ଅପରାହ୍ନ ୨ଟା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱାଭାବିକ କାମ ହୋଇଥିଲା। ଅନ୍ୟପକ୍ଷେ ଲୋକଙ୍କୁ ମିଥ୍ୟା ତଥ୍ୟ ଦେଇ ଭାଜପା ବନ୍ଦ ପାଳନ କରିଥିବାରୁ ତାହା ସଫଳ ହୋଇ ନ ଥିବା ବିଜେଡି ପକ୍ଷରୁ କୁହାଯାଇଛି।

ଭାଜପା ପ୍ରତି ଲୋକଙ୍କ ସମର୍ଥନ ନ ଥିବାରୁ ୧୨ ଘଣ୍ଟା ବନ୍ଦ ପାଳନ ହୋଇ ପାରି ନ ଥିବା ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତି କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗତ ଜାନୁୟାରୀରେ ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟରେ ଏକ ବୃତ୍ତି ନିୟୋଜନ ପରାମର୍ଶ କେନ୍ଦ୍ର ଖୋଲାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏଥିନିମନ୍ତେ ୧୨.୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ବର୍ତ୍ତମାନ ସୁଦ୍ଧା ୧୧୬ ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ ମଧ କରିସାରିଛନ୍ତି। ଏହା ଆସନ୍ତା ଜାନୁୟାରୀ ୪ ତାରିଖରେ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରାଯିବ । ଏହାଦ୍ୱାରା ଆଦିବାସୀ ଛାତ୍ରୀଛାତ୍ର ସେମାନଙ୍କର କ୍ୟାରିୟର ଗଠନ ପାଇଁ ସୁଯୋଗ ପାଇବେ। ଏହା ସହିତ ନିକଟରେ ୧୦ ବିଭାଗକୁ ନିୟମିତ କରାଯାଇଛି। ଏହି ବିଶ୍ୱବିଦ୍ୟାଳୟ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଯୋଗୁ ରାଷ୍ଟ୍ରପତିଙ୍କଠାରୁ ବେଷ୍ଟ ଅପ୍‌କମିଙ୍ଗ ୟୁନିଭର୍ସିଟି ଭାବେ ପୁରସ୍କୃତ ମଧ ହୋଇଥିଲା। ଆଦିବାସୀ ବହୁଳ ଜିଲାର ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ପାଇଁ ବାରିପଦାଠାରେ ରାଜ୍ୟ ସରକାର ମେଡିକାଲ କଲେଜ ସ୍ଥାପନ କରିଛନ୍ତି। ହେଲେ ମିଥ୍ୟା ତଥ୍ୟକୁ ଆଧାର କରି ଭାଜପା ଡାକ୍ତର ବଦଳି କଥା କହୁଛି। ଜିଲାରୁ ୪୩ ଜଣ ଡାକ୍ତରଙ୍କ ଅଦଳବଦଳ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୩ ଜଣ ଜିଲା ମଧ୍ୟରେ ବଦଳି ହୋଇଛନ୍ତି। ସେହିପରି ୧୧ ଜଣ ଅନ୍ୟ ଜିଲାରୁ ବଦଳି ହୋଇଆସିଛନ୍ତି। ୮ ଜଣ ନୂତନ ଭାବେ ନିଯୁକ୍ତି ପାଇ ଯୋଗଦେବେ। ଏପରିସ୍ଥଳରେ ଭାଜପାର ଏହି ଅଭିଯୋଗ ହାସ୍ୟାସ୍ପଦ ବୋଲି ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି କହିଛନ୍ତି। ସେହିପରି ଭାଜପା ପକ୍ଷରୁ ସଭାପତି ଡା. ମହାପାତ୍ର ବନ୍ଦ ସଫଳ ହୋଇଥିବା କହିଛନ୍ତି। ନିକଟରେ ରାଜ୍ୟର ୭ ଟି ବିଶ୍ୱବିଦ୍ୟାଳୟରେ ୟୁପିଏସସି କୋଚିଂ ସେଣ୍ଟର ଖୋଲାଯିବା ନେଇ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ହେଲେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏଥିରୁ ବାଦ ପଡ଼ିଛି। ଆଦିବାସୀଙ୍କୁ ନେଇ ସବୁ ବେଳେ ରାଜନୀତି କରୁଥିବା ବିଜେଡି କିନ୍ତୁ ଏଭଳି ନିଷ୍ପତ୍ତି ନେଇ ଜିଲାର ଆଦିବାସୀ ସମ୍ପ୍ରଦାୟକୁ ଅପମାନ କରିଛି ବୋଲି ମଧ ସେ କହିଛନ୍ତି। ସେହିପରି ଜିଲାର ସ୍ୱାସ୍ଥ୍ୟ ସେବା କଥା ନ କହିବା ଭଲ। ଜିଲାରେ ୪୦୩ ଡାକ୍ତର ପଦବୀ ଥିବାବେଳେ ୨୨୦ ପଦବୀ ଖାଲି ରହିଛି। ଏପରିସ୍ଥିତିରେ ସ୍ୱାସ୍ଥ୍ୟ ସେବା କିଭଳି ପରିଚାଳିତ ହେଉଥିବ ତାହା ସହଜେ ଅନୁମେୟ ବୋଲି ମଧ ସେ କହିଛନ୍ତି।

ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଚରମ ଅବହେଳା ପ୍ରତିବାଦରେ ଭାଜପା ପକ୍ଷରୁ ଦିଆଯାଇଥିବା ବନ୍ଦର ପ୍ରଭାବ ଜିଲାର ବିଭିନ୍ନ ବ୍ଲକରେ ଦେଖାଯାଇଥିଲା। ଉଦଳା, ବିଶୋଇ, ଭଞ୍ଜକିଆ, କପ୍ତିପଦା, ଖୁଣ୍ଟା, ବଡସାହି, ଠାକୁରମୁଣ୍ଡା, ରାଇରଙ୍ଗପୁରରେ ଦୋକାନ ବଜାର, କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଯାନବାହନ ଚଳାଚଳ ବନ୍ଦ ରହିଥିଲା। ହେଲେ ବହଳଦାରେ ସ୍ୱାଭାବିକ ଭାବେ ଗାଡି ଚଳାଚଳ କରିଥିବା ବେଳେ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର ପ୍ରାୟ ଖୋଲାଥିଲା ।

### ସପ୍ତାହକ ମଧରେ ଖୋଲିବ ସେଣ୍ଟର

**ବାରିପଦା ଅଫିସ,୧୮।୧୨**–ବାରିପଦା ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ୟୁପିଏସସି କୋଚିଂ ସେଣ୍ଟର ଖୋଲାଯିବା ନିମନ୍ତେ ମଙ୍ଗଳବାର ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଚିଠି ଆସିଛି। ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଚିଠି (ନଂ ୩୪୭୫୪)ରେ ଏ ସମ୍ପର୍କରେ ଉଲ୍ଲେଖ ରହିଥିବା ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟର ପିଜି କାଉନସିଲ ଚେୟାରମେନ ସୁସ୍ମିତା କର ସୂଚନା ଦେଇଛନ୍ତି। ଗତ ୧୭ ତାରିଖରେ ପିଜି କାଉନସିଲ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ଏ ସମ୍ପର୍କିତ ଏକ ପ୍ରସ୍ତାବ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗକୁ ଦିଆଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଜିଲାବାସୀଙ୍କ ମଧରେ ଆନନ୍ଦ ଖେଳିଯାଇଛି।


'ରୂପଜ୍ୟୋସ୍ନା' ପୁସ୍ତକ ଲାଗି ଡ. ନୀଳକଣ୍ଠ ମିଶ୍ରଙ୍କୁ ପୁରସ୍କୃତ କରାଯାଉଛି।

## 'ଅହମ ସଙ୍ଗଠନ'ର ପୁସ୍ତକ ଲୋକାର୍ପଣ

**ବାରିପଦା ଅଫିସ,୧୮।୧୨**

ଅହମ ସଙ୍ଗଠନ ପକ୍ଷରୁ ବାରିପଦାସ୍ଥିତ ରୋଟାରୀ ଭବନ ପରିସରରେ ପୁସ୍ତକ ଲୋକାର୍ପଣ ଓ ପ୍ରସାରୋତ୍ସବ କାର୍ଯ୍ୟକ୍ରମ ସାନ୍ତାଳୀ ମାସିକ ପତ୍ରିକା ଗଙ୍ଗାଧର ହାଁସଦାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ମାଝୀ ଏବଂ ସଙ୍ଗଠନର ସମ୍ପାଦକ ଆଶିଷ କୁମାର ବଶାଙ୍କ ଦ୍ୱାରା ଏହି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃତୀ ସାହିତ୍ୟିକ ଡ.ନୀଳକଣ୍ଠ ମିଶ୍ରଙ୍କୁ ତାଙ୍କ ଲୋକକଥାର 'ରୂପଜ୍ୟୋସ୍ନା' ପୁସ୍ତକ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଦେବାଶିଷ ପାଣି ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଶ୍ରୀ ବଶା ସଙ୍ଗଠନର ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶେଷରେ ସାହିତ୍ୟିକା ରାଜଲକ୍ଷ୍ମୀ ତ୍ରିପାଠୀଙ୍କ ପରିଚାଳନାରେ କଳାକାର ରବୀନ୍ଦ୍ର ନାଥ ସୋରେନ ଏବଂ ତାଙ୍କ ସାଥୀ କଳାକାରମାନେ ଅବଲୁପ୍ତ ପ୍ରାୟ ଲୋକକଳା 'ସଂରାୟ' ପରିବେଷଣ କରିଥିଲେ। ଶେଷରେ ସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼ ଧନ୍ୟବାଦ ଦେଇଥିଲେ।

### ସମୟୋପଯୋଗୀ ହେବାକୁ ପରାମର୍ଶ

**କପ୍ତିପଦା,୧୮।୧୨(ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍ ଅଧିନ ବିଶୋଳ ଦୀନବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବଳରାମ ବେହେରା ଯୋଗ ଦେଇଥ ଛାତ୍ରୀଛାତ୍ରଙ୍କୁ ସମୟୋପଯୋଗୀ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ସମ୍ମାନିତ ଅତିଥିଭାବେ ରାଜ୍ୟ ପୁରସ୍କୃତ ଶିକ୍ଷକ ସନ୍ତୋଷ କୁମାର ସାହୁ ଯୋଗ ଦେଇଥିଲେ। ଶିକ୍ଷକ ଏବଂ ଅଭିଭାବକ ଅନୁକୂଳ ପରିବେଶ ସୃଷ୍ଟି କରି ପାରିଲେ ଛାତ୍ରୀଛାତ୍ରଙ୍କ ମଧରେ ଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ହୋଇପାରିବ ବୋଲି ସେ କହିଥିଲେ।

## ଚିତ୍ରକଳା ସାମଗ୍ରୀର ପ୍ରଶିକ୍ଷଣ ଶିବିର

**ବାରିପଦା ଅଫିସ,୧୮।୧୨**


ଛାତ୍ରଛାତ୍ରଙ୍କୁ ଚିତ୍ରକଳା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି।

ବାରିପଦାର ଚିତ୍ରକଳା ଅନୁଷ୍ଠାନ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟ ପରିସରରେ ପ୍ରଥମ ଥର ପାଇଁ ଜିଲାସ୍ତରୀୟ ଚିତ୍ରକଳା ସାମଗ୍ରୀର ବ୍ୟବହାରିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁମ୍ବାଇସ୍ଥିତ କ୍ୟାମଲିନ କମ୍ପାନୀର ଚିତ୍ରକଳା ବିଭାଗର ମୁଖ୍ୟ ଶିରିଶ ବିୱାଲକର ଏବଂ କୋଲକାତା ସ୍ଥିତ ରିଜିଓନାଲ ମୁଖ୍ୟ ପ୍ରଦୀପ୍ତ ଘୋଷ ପରିଚାଳନା କରିଥିଲେ। ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟର ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା ଚିତ୍ରଶିଳ୍ପୀ ଶ୍ୟାମ ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲାରୁ ମୋଟ ୩୦ ଚିତ୍ରଶିଳ୍ପୀ ଭାଗନେଇଥିଲେ। ତେବେ ଚିତ୍ରକଳା ପାଇଁ ବ୍ୟବହାର ହେଉଥିବା ସମସ୍ତ ପ୍ରକାର ସାମଗ୍ରୀ ଓ ବିଭିନ୍ନ ପ୍ରକାର ରଙ୍ଗର ବ୍ୟବହାରିକ ଶୈଳୀ ଉପରେ ଏହି ଶିବିରରେ ଆଲୋଚନା ହୋଇଥିଲା। ଚିତ୍ରଶିଳ୍ପୀ ପ୍ରଣତି ଦାସ, ସୁସ୍ମିତା ସିଂହ,ଜ୍ୟୋତିରଞ୍ଜନ ମହାପାତ୍ର, ଗୌରୀ ଦାସ, ଅମିତ ଜେନା,ସୋନମ କାୟନାତ,ମାନସୀ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକାର ଚିତ୍ରକଳା ସାମଗ୍ରୀ ଓ ରଙ୍ଗର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

## ବାରିପଦା ରେଳଷ୍ଟେଶନକୁ ବି ଶ୍ରେଣୀ ମାନ୍ୟତା

**ବାରିପଦା ଅଫିସ,୧୮।୧୨**

ବାରିପଦା ରେଳ ଷ୍ଟେଶନ ଡି ଶ୍ରେଣୀରୁ ବି–ଶ୍ରେଣୀକୁ ଉନ୍ନୀତ ହୋଇଛି। ରାଜ୍ୟସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ ପୂର୍ବରୁ ଏଥିନିମନ୍ତେ ରେଳ ବିଭାଗ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଏଥିଯୋଗୁ ଜିଲାବାସୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ବାରିପଦାରୁ ପୁରୀ ସାପ୍ତାହିକ ଟ୍ରେନ ବନ୍ଦ ହୋଇଯାଇଥିବାରୁ ମୟୂରଭଞ୍ଜବାସୀ ଦୀର୍ଘ ଦିନ ହେବ ବହୁ ହଇରାଣ ହେଉଥିଲେ। ଜିଲାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ ବାରିପଦାରୁ ପୁରୀ ରାତ୍ରିକାଳୀନ ନିୟମିତ ଟ୍ରେନ ଚଳାଚଳ ନିମନ୍ତେ ଦକ୍ଷିଣ ପୂର୍ବ ମହାପ୍ରବନ୍ଧକଙ୍କ ସହିତ ଆଲୋଚନା କରିଛନ୍ତି । କୋଚର ବନ୍ଦୋବସ୍ତ କରାଯାଇ ଖୁବ ଶୀଘ୍ର ବାରିପଦାରୁ–ପୁରୀ ରାତ୍ରିକାଳୀନ ନିୟମିତ ଟ୍ରେନ ଚଳାଚଳ କରାଯିବା ନିମନ୍ତେ ଦକ୍ଷିଣ–ପୂର୍ବ ରେଳବାଇର ମହାପ୍ରବନ୍ଧକ ପ୍ରତିଶ୍ରୁତି ଦେଇଛନ୍ତି।

### ଭଦ୍ରକ ରେଳଷ୍ଟେଶନ ପରାମର୍ଶଦାତା କମିଟି ବୈଠକ
## ୧୧ ଯାତ୍ରୀବାହୀ ଟ୍ରେନ୍‌ର ରହଣି ଦାବି


ରେଲୱେ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଭଦ୍ରକ ଅଫିସ,୧୮।୧୨**

ଭଦ୍ରକ ରେଳ ଷ୍ଟେଶନ ପରାମର୍ଶଦାତା କମିଟି ବୈଠକ ମଙ୍ଗଳବାର ନୂତନ ଷ୍ଟେଶନ ବିଲ୍ଡିଂରେ ଥିବା ଷ୍ଟେଶନ ମ୍ୟାନେଜରଙ୍କ ଅଫିସ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଭଦ୍ରକ ଷ୍ଟେଶନର ବହୁବିଧ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ମୁଖ୍ୟତଃ ନିର୍ମିତ ହୋଇଥିବା ଫୁଟ୍ ବ୍ରିଜ୍‌ର ଅଧିକ ୬ମିଟର ସମ୍ପ୍ରସାରଣ କରିବା, ବହୁବାର ଦାବି ସତ୍ତ୍ୱେ ଭଦ୍ରକ ଷ୍ଟେଶନରେ ରହୁ ନ ଥିବା ୧୧ଟି ଯାତ୍ରୀବାହୀ(ସୁପର ଓ ଏକ୍ସପ୍ରେସ)ଟ୍ରେନ ରହଣୀ ଦାବି ଉପରେ କମିଟି ସଭ୍ୟମାନେ ଦାବି ଉପସ୍ଥାପନ କରିଥିଲେ । ସେହିପରି ପଡୋଶୀ ବାଲେଶ୍ୱର ଜିଲାର ୩ଟି ଷ୍ଟେଶନ(ବାଲେଶ୍ୱର, ଜଳେଶ୍ୱର ଓ ସୋର) ସହ ଯାଜପୁର ଷ୍ଟେଶନରେ ଅଟକୁ ଥିବା ୪ଟି ପ୍ରମୁଖ ଯାତ୍ରୀବାହୀ ଏକ୍ସପ୍ରେସ ଟ୍ରେନ ଭଦ୍ରକ ଷ୍ଟେଶନରେ ରହିବାକୁ ପରାମର୍ଶ ଦେଇଥିଲେ । ସେହିଭଳି ଭଦ୍ରକ ଷ୍ଟେଶନର ପ୍ଲାଟଫର୍ମ ଗୁଡିକରେ ଥିବା ଶୌଚାଳୟ ଓ ଯାତ୍ରୀ ବିଶ୍ରାମ ଗୃହ, ଶୟନ କକ୍ଷ ଗୁଡିକର ଅବସ୍ଥିତି ନେଇ ଅଧିକ ସଂଖ୍ୟକ ଫଳକ ମାରିବାକୁ ସଭ୍ୟମାନେ ପରାମର୍ଶ ଦେଇଥିଲେ । ଅନୁରୂପ ଭାବେ ରେଲୱେ ଷ୍ଟେଶନ ସମ୍ମୁଖ ପାର୍କିଂ ଅଞ୍ଚଳର ଉନ୍ନତି, ନୂତନ ଷ୍ଟେଶନ ବିଲଡିଂରେ ଯାତ୍ରୀ ପ୍ରତୀକ୍ଷା ଘର ଓ ଶୟନକକ୍ଷର ସୁବନ୍ଦୋବସ୍ତ କରିବା କରିବା ସହ ପ୍ରତୀକ୍ଷା ଗୃହରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା କରିବାକୁ ଉପସ୍ଥିତ ସଭ୍ୟମାନେ ପରାମର୍ଶ ଦେଇଥିଲେ ।

### ନୂଆ ଫୁଟ୍ ଓଭରବ୍ରିଜର ସମ୍ପ୍ରସାରଣ

ଅନ୍ୟପକ୍ଷେ ଭଦ୍ରକ ଷ୍ଟେଶନ ସଂଲଗ୍ନ ୱାର୍ଡ ନଂ–୧, ୨, ଓ ୩ ସହ କେତେକ ପଞ୍ଚାୟତ ବାସୀଙ୍କ ଯାତାୟତରେ ସୁବିଧା ଲାଗି ଏକ ରୋଡ ଓଭର ବ୍ରିଜ ନିର୍ମାଣ ଲାଗି ଦୀର୍ଘ ୪ବର୍ଷ ତଳେ ରେଳବାଇ କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ମିଳିଥିଲେ ହେଁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗରେ ଏହାର ପ୍ଲାନ ଅନୁମୋଦନ ହୋଇ ନ ଥିବାରୁ ଏହି ଓଭର ବ୍ରିଜ କାର୍ଯ୍ୟ ଆରମ୍ଭ ହୋଇପାରୁନି । ତେଣୁ ଏଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶଦାତା କମିଟି ସଭ୍ୟମାନେ ପରାମର୍ଶ ଦେଇଥିଲେ। ଭଦ୍ରକ ରେଲୱେ ଷ୍ଟେଶନ ମ୍ୟାନେଜର ଦିଗମ୍ବର ବଳଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପରମର୍ଶଦାତା କମିଟି ବୈଠକରେ ପୂର୍ବତଟ ରେଳବାଇର ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର ଏସ୍.ଏନ ମିଶ୍ର, ସିନିୟର ଷ୍ଟେସନ ଇଞ୍ଜିନିୟର ବାସୁଦେବ ଦଳାଇ, ଚିଫ୍ କମର୍ସିଆଲ ଇନ୍ସପେକ୍ଟର ସୁନିଲ କୁମାର ବେହେରା, ଇଲେକ୍ଟ୍ରି ବିଭାଗର ପି.ମହାପାତ୍ର ଓ ଆର୍‌ପିଏଫ୍ ଓଆଇସି ଦିନେଶକୁମାର ଦାସ ପ୍ରମୁଖଙ୍କ ସହ ଭଦ୍ରକ ରେଳ ଷ୍ଟେଶନ ପରାମର୍ଶଦାତା କମିଟିର ସଭ୍ୟ ରୋଟାରିଆନ୍ ଶିଶିର କୁମାର ମିଶ୍ର, ବରିଷ୍ଠ ଆଇନଜୀବୀ ଯତିକାନ୍ତ ନାୟକ, ପ୍ରାଧ୍ୟାପକ ସଂଗ୍ରାମକେଶରୀ ମହାନ୍ତି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଯୁବ ସମାଜସେବୀ ଅବିନାଶ ଜେନା, ଖବରଦାତା ଉମାକଲ୍ୟାଣ ମହାପାତ୍ର, ବିନୋଦବିହାରୀ ସାହୁ ଓ ଡା.ଶରତ ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

### ଜେଏମ୍‌ଏମ୍ ଯୁବଛାତ୍ର ଶାଖାର ଚିନ୍ତନ ବୈଠକ
## ୨୦ରୁ ୨୬ ପର୍ଯ୍ୟନ୍ତ ଜିଲା ସାରା ବିକ୍ଷୋଭ

**ବାରିପଦା ଅଫିସ,୧୮।୧୨**


ବୈଠକରେ ଉପସ୍ଥିତ ଜେଏମଏମ ନେତୃବୃନ୍ଦ।

ମୟୂରଭଞ୍ଜ ଜିଲା ଯୁବ ଓ ଛାତ୍ର ଜେଏମଏମ ଶାଖା ପକ୍ଷରୁ ସୋମବାର ଏକ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ସଭାପତି ପିଣ୍ଟୁ ମାଇତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ଜିଲା ସଭାପତି ଫାଗୁ ହାଁସଦା, ଜିଲା ସମ୍ପାଦକ ନିମାଇଁ ତ୍ରିପାଠୀ, ପ୍ରଦ୍ଯୁମ୍ନ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଭଳି ଏକ ବୃହତ ଆଦିବାସୀ ଜିଲାକୁ ରାଜ୍ୟ ସରକାର କ୍ରମାଗତ ଭାବେ ଅବହେଳା କରିଆସୁଛନ୍ତି। ଏହାର ପ୍ରତିବାଦରେ ଜେଏମଏମ ନେତୃବୃନ୍ଦ ୧୫ ଦଫା ଦାବି ନେଇ ଆସନ୍ତା ଡିସେମ୍ବର ୨୦ ତାରିଖରୁ ଡିସେମ୍ବର ୨୬ ପର୍ଯ୍ୟନ୍ତ ୭ ଦିନ ଧରି ବିକ୍ଷୋଭ କରିବା ନେଇ ନିଷ୍ପତ୍ତି ବୈଠକରେ ନିଆଯାଇଛି। ଜିଲା ତମାମ ସରକାରୀ କଳକୁ ଆନ୍ଦୋଳନାତ୍ମକ ପନ୍ଥାରେ ବିରୋଧ କରାଯିବ। ଏହି ଆନ୍ଦୋଳନ ସମୟରେ ମୁଖ୍ୟମନ୍ତ୍ରୀ ଓ ଜିଲାର ବିଧାୟକ ଓ ସାଂସଦଙ୍କ କୁଶପୁତ୍ତଳିକା ମଧ ଦାହ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି।

ଦାବିଗୁଡ଼ିକ ମଧ୍ୟରେ ଜିଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ କରି ବେକାରି ସମସ୍ୟାର ଦୂରୀକରଣ କରିବା, ଅନ୍ୟ ଜିଲାର ପିଲାଙ୍କୁ ବାଦଦେଇ ମୟୂରଭଞ୍ଜ ଜିଲାର ସିଟି, ବିଇଡି ପ୍ରମାଣପତ୍ରଧାରୀଙ୍କୁ ବିଭିନ୍ନ ବର୍ଗର ଶିକ୍ଷକ ଭାବେ ନିଯୁକ୍ତି କରିବା, ଜିଲାରେ ଖଣିଜ ଓ ଜଙ୍ଗଲ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବା, ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟରେ ୟୁପିଏସସି କୋଚିଂ ସେଣ୍ଟର ଖୋଲିବା ସହିତ ନିୟମିତ ପ୍ରଫେସର ନିଯୁକ୍ତି କରିବା, ଶୁଳିଆପଦା ବ୍ଲକରେ ସରକାରୀ କାଗଜ କଳ ପ୍ରତିଷ୍ଠା କରିବା ରହିଛି । ଏହାବ୍ୟତୀତ ରୂପସା–ବାଙ୍ଗିରିପୋଷି ନୂତନ ରେଳପଥ ନିର୍ମାଣ ପାଇଁ ପଦକ୍ଷେପ ନେବା, ହାତୀ ସମସ୍ୟା ସମାଧାନ କରିବା, ଅମର୍ଦ୍ଦା ଏୟାରଷ୍ଟ୍ରିପ ପୁନରୁଦ୍ଧାର କରିବା, ଜିଲାର ଖାଲିପଡ଼ିଥିବା ସ୍ଥାନଗୁଡ଼ିକରେ ଡାକ୍ତର ପଦବୀ ପୂରଣ କରିବା, ବୁଢ଼ାବଳଙ୍ଗ ନଦୀରେ ଆଡିବନ୍ଧ ନିର୍ମାଣ କରିବା, ସବାଇ ନିଗମ ପ୍ରତିଷ୍ଠା କରିବା, ବାଉଁଶ ଶିଳ୍ପ ପ୍ରତିଷ୍ଠା କରିବା, ଆୟୁର୍ବେଦିକ ଓ ହୋମିଓପାଥିକ କଲେଜକୁ ସରକାର ନିଜ ଅଧୀନକୁ ନେବା, ସ୍ପିନିଂ ମିଲ, ନିକୋ ଫ୍ୟାକ୍ଟ୍ରି ଓ ଝରିଆ ପେପରମିଲକୁ ପୁନଃକାର୍ଯ୍ୟକ୍ଷମ କରିବା ଆଦି ୧୫ଟି ଦାବି ଉପସ୍ଥାପନ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ଜିଲା କାର୍ଯ୍ୟକାରୀ ସଭାପତି ବାଜୁନ ହାଁସଦା, ଉପସଭାପତି ରାକେଶ ବେହେରା, ସାଧାରଣ ସମ୍ପାଦକ ଅନିଲ ହାଁସଦା, ମାନସ ବେହେରା, ଜଗବନ୍ଧୁ ସିଂ, ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ଡିସେମ୍ବର ୧୯/୨୦୧୮ Balasore, Wednesday, December 19 / 2018

# ବ୍ୟାଙ୍କର ପୂର୍ବତନ ସମ୍ପାଦକଙ୍କୁ ଦେଢ଼ବର୍ଷ ଜେଲ୍

**ବାଲେଶ୍ୱର ଅଫିସ, ୧୮।୧୨**

ଏକ ଲାଞ୍ଚ ମାମଲାର ବିଚାର କରି ବାଲେଶ୍ୱର ଜିଲା ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ବିଚାରପତି ଗଜେନ୍ଦ୍ର ମହାପାତ୍ର ମଙ୍ଗଳବାର ଏକ ବ୍ୟାଙ୍କର ପୂର୍ବତନ ସମ୍ପାଦକଙ୍କୁ ଦେଢ଼ବର୍ଷ ଜେଲଦଣ୍ଡ ସହ ୪ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଆଉ ଅଧିକ ୪ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ସିଂଲା ଥାନା ଅଧୀନସ୍ଥ ସିଂଲା ଗ୍ରାମର ସମୀର କୁମାର ଜେନା

## ଲାଞ୍ଚ ମାମଲା

ବାଲେଶ୍ୱର ଜିଲା କୋ-ଅପରେଟିଭ୍ ଏଗ୍ରିକଲଚର ଏବଂ ରୁରାଲ ଡେଭେଲପ୍‌ମେଣ୍ଟ ବ୍ୟାଙ୍କରେ ଜମି ବନ୍ଧକ ରଖି ଚାଷ ଋଣ କରିଥିଲେ। ଋଣ ପରିଶୋଧ ପରେ ବନ୍ଧକ ଜମିର ପଟ୍ଟା ଫେରାଇବା ପାଇଁ ତତ୍କାଳୀନ କାର୍ଯ୍ୟରତ ବ୍ୟାଙ୍କର ସମ୍ପାଦକ ହାଡ଼ିବନ୍ଧୁ ଦାଶ ତାଙ୍କୁ ୧୫ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ସମୀର ଭିଜିଲାନ୍ସ ବିଭାଗ ସହ ପରାମର୍ଶ କରି ଉକ୍ତ ଟଙ୍କାକୁ ଗତ ୨୦୦୬ ସେପ୍ଟେମ୍ବର ୧୨ ତାରିଖରେ ଦେବା ଲାଗି ଯୋଜନା କରିଥିଲେ। ଯୋଜନା ଅନୁସାରେ ଭିଜିଲାନ୍ସ ଚଢ଼ାଉ କରି ସମ୍ପାଦକ ଦାଶଙ୍କୁ ଗିରଫ କରିଥିଲା। ଏ ନେଇ ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ଅଫିସ୍‌ରେ ମାମଲା (ନଂ. ୨୫/୧୨.୯.୨୦୦୬) ରୁଜୁ କରାଯାଇ ବିଚାର ଚାଲୁ ରହିଥିଲା। ସରକାରଙ୍କ ତରଫରୁ ଭିଜିଲାନ୍ସ ବିଭାଗର ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସେକ୍ ହାଜିରୁଦ୍ଦିନ ମକଦ୍ଦମା ପରିଚାଳନା କରୁଥିଲେ।

# ୫୦ ବସ୍ତା କୋଇଲା ଜବତ, ୨ କୋର୍ଟ ଚାଲାଣ

**ପଦ୍ମପୁର, ୧୮।୧୨(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ପୋଲିସ ସୋମବାର ବିଳମ୍ବିତ ରାତିରେ ଏକ ଚୋରା କୋଇଲା ବୋଝେଇ ପିକଅପ୍‌କୁ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ ରାତ୍ରିକାଳୀନ ପାଟ୍ରୋଲିଂ କରିବା ପାଇଁ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ପ୍ରମୋଦ କୁମାର ନାଏକ ଓ ଏଏସଆଇ ଦିଲୀପ କୁମାର ଦେହୁରୀ ଯାଇଥିଲେ। ଧାମରା ଅଞ୍ଚଳରୁ ଏକ କୋଇଲା ବୋଝେଇ ଗାଡି ଆସୁଥିବାରୁ ଦେଖି ବାଲିମୁଣ୍ଡା ବଜାର ଠାରେ ଗାଡିକୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୫୦ ବସ୍ତା ଚୋରା କୋଇଲା ଥିବା ଜଣାପଡିଥିଲା। ପୋଲିସ ଗାଡିକୁ ଜବତ କରିବା ସହ ଘଣ୍ଟେଶ୍ୱର ଫାଣ୍ଡି ଅଧୀନ ପ୍ରଦୀପ ମହାଳିକ ଗାଡିର ଡ୍ରାଇଭର ଓ ବାଁଶଡା ଥାନା ଅଧୀନ ଗୁଆଁଶୋଳ ଗ୍ରାମର ପୁଷ୍ପାଂଶୁ ମଳିକ(ସହଯୋଗୀ)ଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୫୭/୧୮) ରୁଜୁ ହେବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

# ଟ୍ରାକ୍ଟର ଧକ୍କାରେ ଜଣେ ମୃତ

**ଯଶିପୁର, ୧୮।୧୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଯଶିପୁର ଥାନା ମାହାର୍ଦ୍ଦା ପଳସା ନିକଟରେ ସୋମବାର ଏକ ଟ୍ରାକ୍ଟରରୁ ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲିସୁଦୁରା ଗ୍ରାମର ମାଦୁରା ହୋ(୨୬)। ଅନ୍ୟ ଜଣେ ଶ୍ରମିକ ଡକରାବେଡା ଗ୍ରାମର ଡାକ୍ତର ମାଝୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଯଶିପୁର ଓ ପରେ କରଞ୍ଜିଆ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏନେଇ ଯଶିପୁର ଥାନାରେ ଏକ ମାମଲା (ନଂ ୧୨୫/୧୮) ରୁଜୁ ହୋଇଛି।

# ନାବାଳିକା ଅପହରଣ ଅଭିଯୋଗ: ୩ ଗିରଫ

**ବାରିପଦା ଅଫିସ,୧୮।୧୨**

ବାରିପଦା ସହରର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସତ୍ୟମ ରଣା, ସୋହେଲ ଖାନ ଓ ତପନ ସିଂ। ଏ ନେଇ ଏକ ମାମଲା ରୁଜୁ କରାଯାଇଥିଲା।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ

## ସଂକ୍ଷେପରେ



### ଶୀତରେ ଥରୁଛି ଢେଙ୍କିକୋଟ

ଢେଙ୍କିକୋଟ, ୧୮।୧୨(ଡି.ଏନ୍.ଏ.)- ଢେଙ୍କିକୋଟ ଅଞ୍ଚଳରେ ପ୍ରବଳ ଥଣ୍ଡା ଅନୁଭୂତି ହେଉଛି। ଶୀତର ଲହରି ଖେଳୁଛି। ସ୍ଥାନୀୟ ବଜାର ମଧ୍ୟରେ ଥିବା ଯୁବ ବ୍ୟବସାୟୀ ଥଣ୍ଡା ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଜାଳି ପୁଇଁ ହେଉଛନ୍ତି।

### ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ହାଟଡିହୀ, ୧୮।୧୨- ହଟଡିହୀ ବ୍ଲକ ନନ୍ଦିପଦା ମୁକୁନ୍ଦ ଚରଣ ବିଦ୍ୟାମନ୍ଦିରରେ ସୋମବାର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର ପ୍ରସାଦ ବେହେରା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ଦେବାଶିଷ ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ସୌମ୍ୟପ୍ରିୟା ସ୍ୱାଇଁ, ଶର୍ମୀଷ୍ଠା ମହାନ୍ତି, ମୋନାଲିସା ଜେନା, ବାସନ୍ତୀ ଜେନା, ଶିକ୍ଷକ ପଣ୍ଡବ ସାହୁ, ଅନିରୁଦ୍ଧ ସେଠୀ ଯୋଗଦେଇ ଖେଳର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ସମୁଦାୟ ୧୬ ବିଭାଗରେ ଖେଳ ପ୍ରତିଯୋଗିତା ହୋଇଥିଲା। ଦଶମ ଶ୍ରେଣୀ ଛାତ୍ରୀ ଜ୍ୟୋତିଶ୍ରୀ ନାୟକ ଓ ଛାତ୍ର କାହ୍ନୁ ହେମ୍ବ୍ରମ ଚାମ୍ପିୟନ ହୋଇଥିଲେ। ଶଶିକାନ୍ତ ଯେନା ଓ ବନମାଳୀ ଦାସ ପରିଚାଳନାରେ ସହଯୋଗ କରିଥିଲେ।

### ଜମି ପଟ୍ଟା ପାଇବାର ସୁଯୋଗ ନିଅ

କେନ୍ଦୁଝର, ୧୮।୧୨(ସ୍ୱ.ପ୍ର.): ଓଡ଼ିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ତ୍ତମାନ କେବଳ ସବ୍‌ରେଜିଷ୍ଟ୍ରାରଙ୍କଠାରୁ ପ୍ରାପ୍ତ ହେଉଥିବା ଫର୍ମ ନଂ-୩ ଅନୁସାରେ ଜମିଜମାର ଦାଖଲ ଖାରଜ ଅନଲାଇନ ମାଧ୍ୟମରେ କରାଯାଉଛି। ୨୦୧୮ ନଭେମ୍ବର ପୂର୍ବରୁ ଯେଉଁ ଜମିର ରେଜେଷ୍ଟ୍ରି ଦଲିଲ ସମ୍ପାଦନ ହୋଇଥିବ ଏବଂ ଦାଖଲ ଖାରଜ ହୋଇ ନ ଥିବ ସେହି ଦଲିଲ ଗୁଡିକର ଦାଖଲ ଖାରଜ ନିମନ୍ତେ ଆବେଦନ କରିବାକୁ କୁହାଯାଇଛି। ୧୯।୧୨।୨୦୧୮ରୁ ଆରମ୍ଭ ହେଉଛି। ଆଗାମୀ ୧୦।୦୧।୨୦୧୯ରିଖ ପର୍ଯ୍ୟନ୍ତ ଚାଲିବ। ଯେଉଁ ବ୍ୟକ୍ତି ୨୦୧୮ ନଭେମ୍ବର ପୂର୍ବରୁ ଜମିର ଦଲିଲ ସମ୍ପାଦନ କରିଛନ୍ତି, ଦାଖଲ ଖାରଜ କରିନାହାନ୍ତି ସେମାନେ ନିଜ ଅଞ୍ଚଳର ତହସିଲ କାର୍ଯ୍ୟାଳୟଠାରେ ଜମିର ଦାଖଲ ଖାରଜ ନିମନ୍ତେ ଆବେଦନ କରି ପଟ୍ଟା ପାଇବାର ସୁଯୋଗ ନେବାକୁ ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

### ରାଶନ କାର୍ଡରୁ ବଞ୍ଚିତ ଦିବ୍ୟାଙ୍ଗ

ଚମ୍ପୁଆ, ୧୮।୧୨(ଡି.ଏନ.ଏ.): ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ମହେଶ୍ୱରପୁର ଗ୍ରାମରେ ଖାଉଟି ସୁରକ୍ଷା ଯୋଜନାରୁ ୨ ଦିବ୍ୟାଙ୍ଗ ବଞ୍ଚିତ ହୋଇଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସେମାନଙ୍କୁ ସାମିଲ କରାଯାଇ ନ ଥିବା ଅଭିଯୋଗ ହୋଇଛି। ମହେଶ୍ୱର ଗ୍ରାମର ଆଦିବାସୀ ପରିବାରର କାଣ୍ଡେ ମୁଣ୍ଡାଙ୍କ ଝିଅ ସୁକୁନ ଦିବ୍ୟାଙ୍ଗ। ଜନ୍ମର ୫ ବର୍ଷ ପରେ ବାମ ଗୋଡ କାମ କଲା ନାହିଁ। ୩ୟ ଶ୍ରେଣୀରେ ପାଠରେ ଡୋରି ବାନ୍ଧା ହେଲା। ମଜୁରି କରି ଦୁଇ ପଇସା ରୋଜଗାର କରୁଥିବା ବାପ ଓ ଭାଇଙ୍କ ପାଖରେ ସେ ରହିଆସୁଛି। ବହୁ କଷ୍ଟରେ ଭିନ୍ନକ୍ଷମ ପ୍ରମାଣ ପତ୍ର ଯୋଗାଡ଼ କରିବାରେ ସଫଳ ହୋଇଛନ୍ତି। ଭତ୍ତା ଛଡ଼ା ଆବାସ ଯୋଜନା ଓ ଖାଉଟି ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସେହିପରି ଛୋଟବେଲୁ କୌଣସି ରୋଗରେ ପଡ଼ି ବାମହାତ ହରାଇ ଥିବା ସୁକୁରା ମୁଣ୍ଡାଙ୍କ ପୁଅ ସୁକୁଲାଲ ସ୍ଥାନୀୟ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ପଢୁଛି। ସେବି ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପାଇଁ ବାରମ୍ବାର ଆବେଦନ କରିଛନ୍ତି। କୌଣସି ସୁଫଳ ମିଳି ନ ଥିବା ଜଣାଯାଇଛି। ଆବାସ ଯୋଜନା ଓ ବିଜୁଳି ପାଇବାରୁ ବଞ୍ଚିତ ହୋଇଛନ୍ତି।



# ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ

■ଜୁରୁଡି ଡିଏଭି ପବ୍ଲିକ ସ୍କୁଲ ବନ୍ଦ ଆଶଙ୍କା
■ଚିନ୍ତାରେ ଶିକ୍ଷକ, ଅଭିଭାବକ

ଯୋଡ଼ା, ୧୮।୧୨(ଡି.ଏନ.ଏ.)

ଯୋଡ଼ା ବ୍ଲକ ଜଲହରୀ ପଞ୍ଚାୟତ ଜୁରୁଡିସ୍ଥିତ ଏକ ଖଣି କାର୍ଯ୍ୟାଳୟ ନିକଟରେ ଥିବା ଡିଏଭି ପବ୍ଲିକ ସ୍କୁଲ ଆଗାମୀ ଦିନରେ ବନ୍ଦ ହେବା ନେଇ ଆଶଙ୍କା ଦେଖା ଦେଇଛି। ଯଦି ବନ୍ଦ ହେବ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ ନେଇ ଶିକ୍ଷକ, ଅଭିଭାବକ ଚିନ୍ତାରେ ରହିଛନ୍ତି। ଉକ୍ତ ସ୍କୁଲ ଏକ ଖଣି କମ୍ପାନୀର ପରିଚାଳନା ଦାୟିତ୍ୱରେ ୨୦୧୩ ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିଲା। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ପ୍ରାୟ ୫୪୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଉକ୍ତ ଖଣି କମ୍ପାନୀ ତତ୍ତ୍ୱାବଧାନରେ ଦୀର୍ଘ ୬ ବର୍ଷ ହେବ ଚାଲି ଆସୁଛି। ସ୍କୁଲ ଉପରେ ବ୍ଲକର ୬ ପଞ୍ଚାୟତ ଜଲହରୀ, ଜୁରୁଡି, ଜଜାଙ୍ଗ, ବଡଦା, ପଲସା ଓ କାଳିମାଟିର ଛାତ୍ରୀଛାତ୍ର ନିର୍ଭର କରନ୍ତି। ସମସ୍ତ ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକ ଅପେକ୍ଷା ଡିଏଭି ପବ୍ଲିକ ସ୍କୁଲର ଅଧ୍ୟୟନ ଫି କମ୍ ନିଆଯାଉଥିବାରୁ ସ୍କୁଲରେ ନିଜ ପିଲାଙ୍କୁ ପଢ଼ାଇବା ପାଇଁ ସ୍ଥାନୀୟ ଲୋକଙ୍କ ଆଗ୍ରହ ରହିଛି। ଖଣି କର୍ତ୍ତୃପକ୍ଷ ନିଜର ଲିଜ ଅବଧି ୨୦୨୦ ମାର୍ଚ୍ଚରେ ଶେଷ ହେଉଛି। ଏ ନେଇ ଖଣି ପକ୍ଷରୁ ଡିଏଭି ସ୍କୁଲ କର୍ତ୍ତୃପକ୍ଷଙ୍କୁ ୨୫।୦୯।୧୮ରେ ନୋଟିସ ମାଧ୍ୟମରେ ୨୦୧୯ ମାର୍ଚ୍ଚ ପରେ ନୂତନ ଛାତ୍ରୀଛାତ୍ର ନାମଲେଖା ବାରଣ କରିବାକୁ ନିର୍ଦ୍ଦେଶ କରିଛି। ଲିଜ୍ ଅବଧି ଶେଷ ହେବାକୁ ଯାଉଥିବାରୁ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍ୟ ବ୍ୟବସ୍ଥା ଗ୍ରହଣ କରିବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଯାଇଥିବା ଅଭିଭାବକ ଚିତ୍ତରଞ୍ଜନ ମହାନ୍ତି, ମାନସରଞ୍ଜନ ମହାପାତ୍ର, ପୁରୁଷୋତ୍ତମ ପୋଦାର, ହ୍ରିତିକ୍ ବର୍ମା, ଉପେନ୍ଦ୍ର ମହାନ୍ତି, ପ୍ରଣବ ମହାନ୍ତି, ସୁବ୍ରତ ମହାଲିକ କହିଛନ୍ତି।

ଏ ସମ୍ପର୍କରେ କେଏମସିଠାରେ ରହୁଥିବା ଅଭିଭାବକ ମଞ୍ଜିତ ଗୁପ୍ତା, ମନୋଜ ଗୁପ୍ତା, ରଞ୍ଜିତ ଗୁପ୍ତା, ବିଭାସ ଚନ୍ଦ୍ର ତ୍ରିପାଠୀ, ସୁରେଶ ପ୍ରସାଦ, ଯଦୁମଣି ମହାନ୍ତ ପ୍ରମୁଖ କହିଛନ୍ତି, ସ୍କୁଲ ବନ୍ଦ ହେବା ଚିନ୍ତାର କାରଣ ପାଲଟିଛି। ସ୍କୁଲ ବନ୍ଦ ହେଲେ ସମ୍ପୃକ୍ତ ଅଞ୍ଚଳରେ ଅନ୍ୟ କୌଣସି ଇଂଲିଶ ମିଡିୟମ ସ୍କୁଲ ନାହିଁ। ୧୨ କି.ମି. ଦୂର ଯୋଡାଠାରେ ଥିବା ଇଂଲିଶ ମିଡିୟମ ସ୍କୁଲରେ ପାଠ ପଢାଇବା କଷ୍ଟକର ବ୍ୟାପାର। ଉକ୍ତ ସ୍କୁଲ କିପରି ନିୟମିତ ଚାଲିପାରିବ କର୍ତ୍ତୃପକ୍ଷ ଧ୍ୟାନ ଦେବା ଉଚିତ। ଜୁରୁଡି ଜୟଶ୍ୟାମ ବସ୍ତିରେ ରହୁଥିବା ଅଭିଭାବକ ଶ୍ୟାମ କୁମାର ପୂର୍ତ୍ତି କହିଛନ୍ତି, ସ୍କୁଲ୍ ବନ୍ଦ ନେଇ ନୋଟିସ ଜାରି କରାଯିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳ ଖେଳିବା ସଦୃଶ। ଏ ନେଇ ଜୁରୁଡି ଡିଏଭି ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ନୀଳକଣ୍ଠ ରାଉତଙ୍କୁ ପଚାରିବାରୁ ଉକ୍ତ ଖଣି କମ୍ପାନୀ କର୍ତ୍ତୃପକ୍ଷ ନୋଟିସ କରିଛନ୍ତି। ନୂତନ ଛାତ୍ରୀଛାତ୍ରଙ୍କ ନାମଲେଖା କରନାହିଁ। ନୋଟିସ ମିଳିବା ପରେ ସ୍ଥାନୀୟ ପରିଚାଳନା କମିଟି ପକ୍ଷରୁ ଏକ ବୈଠକ କରାଯାଇଥିଲା। ନିଷ୍ପତ୍ତି ସମ୍ପର୍କରେ ନୂଆଦିଲ୍ଲୀସ୍ଥିତ ଡିଏଭି ମୁଖ୍ୟ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଥିଲା। ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଏକ ଚିଠି ସ୍କୁଲକୁ ଆସିଛି। ଉକ୍ତ ଚିଠିରେ ଦର୍ଶାଯାଇଛି ଯେ, ବୋର୍ଡ ପରୀକ୍ଷା ଦେବାକୁ ଯାଉଥିବା ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପରୀକ୍ଷା ବ୍ୟବସ୍ଥା କରିବା ସହ ଅନ୍ୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ଇଂଲିଶ ମିଡିୟମ ସ୍କୁଲରେ ପାଠପଢ଼ା ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି।




ଯୋଡ଼ା ଜୁରୁଡି ଡିଏଭି ପବ୍ଲିକ ସ୍କୁଲ।

## ■ ବୈତରଣୀରେ ଇଞ୍ଜିନିୟରିଂ ଛାତ୍ର ନିଖୋଜ ଘଟଣା

# ମିଳିଲାନି ପତ୍ତା, ନାନା କଥା ଚର୍ଚ୍ଚା



ବୈଲୋଚନ ନିଖୋଜ ସ୍ଥାନରେ ଲୋକାରଣ୍ୟ।

ଆନନ୍ଦପୁର, ୧୮।୧୨(ସ୍ୱ.ପ୍ର.)

ଆନନ୍ଦପୁର ବୈତରଣୀ ବ୍ୟାରେଜ ଘାଟରେ ଇଞ୍ଜିନିୟରିଂ ଛାତ୍ର ବୈଲୋଚନ ସାମଲଙ୍କ ନିଖୋଜ ଘଟଣାକୁ ଦିନି ଦିନ ବିତିଲାଣି। ଖୋଜାଖୋଜି ପରେ ବି ବୈଲୋଚନଙ୍କ କୌଣସି ସୁରାକ ମିଳିପାରିନି। ରବିବାର ୧୧ଟାରେ ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଆନନ୍ଦପୁର ଓ ଘସିପୁରା ଅଗ୍ନିଶମ ବିଭାଗ କର୍ମଚାରୀ ଖୋଜା ଖୋଜି ଆରମ୍ଭ କରିଛନ୍ତି। ସ୍ଥାନୀୟ ପ୍ରଶାସନର ସହାୟତାରେ ବ୍ୟାରେଜର ଗେଟ୍ ବନ୍ଦ କରିବା ପରେ ଜେସିବି ମେଶିନ୍ ସାହାଯ୍ୟରେ ଉକ୍ତ ସ୍ଥାନରେ ଖୋଳାଖୋଳି କରାଯାଇଛି। ଘାଟର ତଳ ସ୍ଥାନ ତଥା ଖାଡ଼େଶ୍ୱର ଘାଟଠାରୁ ଆରମ୍ଭ କରି ପାଣି ଅଧିକ ଥିବା ସ୍ଥାନରେ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଖୋଜାଖୋଜି ମଧ୍ୟ କରାଯାଇଛି। ବୈଲୋଚନଙ୍କ ନିଖୋଜ ଘଟଣା ଏବେ ସନ୍ଦେହ ପରିସରକୁ ଆସିଛି। ବୈଲୋଚନ ନିଖୋଜ ନେଇ ଉକ୍ତ ଅଞ୍ଚଳରେ ନାନା କଥା ଆଲୋଚନା ହେଉଛି। ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରି ନ ଥିବା ଜଣାଯାଇଛି।

# ଖବରଦାତାଙ୍କୁ ଆକ୍ରମଣ କରି ଗିରଫ

ଆନନ୍ଦପୁର, ୧୮।୧୨(ସ୍ୱ.ପ୍ର.)



ଗିରଫ ଅଭିଯୁକ୍ତ ସିପୁ ପାତ୍ର।

ଆନନ୍ଦପୁର ଉପଖଣ୍ଡ ହାଟଡିହୀ ଅଞ୍ଚଳର ଜଣେ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ମଙ୍ଗଳବାର ଅଭିଯୁକ୍ତ ସିପୁ ପାତ୍ରଙ୍କୁ ନନ୍ଦିପଦା ପୋଲିସ ଗିରଫ କରିଛି। ସିପୁ ହେଉଛି ହାଟଡିହୀ ବ୍ଲକ ଶାଳଣିଆ ପଞ୍ଚାୟତ ମନୋହରପୁର ଗ୍ରାମର ଶରତ ପାତ୍ରଙ୍କ ପୁଅ। କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଇ ଗତ ୨୧।୧୦।୧୮ରେ ଶାଳଣିଆ ବଜାରରେ ସିପୁ ସମ୍ପୃକ୍ତ ଖବରଦାତାଙ୍କୁ ଆକ୍ରମଣ କରିଥିଲେ। ଉକ୍ତ ଆକ୍ରମଣ ଘଟଣାରେ ସ୍ଥାନୀୟ ଅଞ୍ଚଳର ଜଣେ ଲୋକ ପ୍ରତିନିଧିଙ୍କ ହାତ ଥିବା ଆଲୋଚନା ହେଉଥିଲା। ଖବରଦାତାଙ୍କ ଅଭିଯୋଗ କ୍ରମେ ନନ୍ଦିପଦା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ନ ଥିଲା। ଏ ନେଇ ଆନନ୍ଦପୁର ପ୍ରେସ୍ କ୍ଲବ ସଭାପତି ଗୋପାଳ କୃଷ୍ଣ ରାଉତ ତଦନ୍ତକାରୀ ଅଫିସରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ପୋଲିସ ମହାନିର୍ଦ୍ଦେଶକ ଓଡ଼ିଶା, କେନ୍ଦୁଝର ଏସପି, ରାଜ୍ୟ ମୁଖ୍ୟମନ୍ତ୍ରୀ, ଆନନ୍ଦପୁର ଏସଡିପିଓଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଥିଲା।

ଅଭିଯୁକ୍ତ ଗିରଫ ନେଇ ବିଳମ୍ବ ହେବାରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଏ ନେଇ ଜିଲା ଏସପି ଜୟନାରାୟଣ ପଙ୍କଜ ଘଟଣା ଦିଗରେ ପଦକ୍ଷେପ ନେବାକୁ ଆନନ୍ଦପୁର ଏସଡିପିଓଙ୍କ ନିର୍ଦ୍ଦେଶ ଦେଇଥିଲେ। ଏସଡିପିଓ ଦିଲ୍ଲୀପ ବାଗଙ୍କ ନିର୍ଦ୍ଦେଶରେ ନନ୍ଦିପଦା ଆଇଆଇସି ଦିବ୍ୟକାନ୍ତି ଲାକ୍ରା, ଏସଆଇ ବିଜୟ ମଲ୍ଲିକ, ଏଏସଆଇ ସନାତନ ମହାରଣା, ସିଭିଲ୍ ଡ୍ରେସ୍‌ରେ ପାଟ୍ରୋଲିଂ କରି ଶାଳଣିଆ ବଜାରରୁ ସିପୁଙ୍କୁ ଗିରଫ କରିଥିଲେ। ଆନନ୍ଦପୁର କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସିପୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଦୀର୍ଘ ଦିନ ଧରି ସିପୁ ଶାଳଣିଆ ବଜାରରେ ଅଶାନ୍ତି ଓ ଅରାଜକତାର ବାତାବରଣ ସୃଷ୍ଟି କରିଆସୁଥିବା ଅଭିଯୋଗ ହୋଇଛି।

# ପୁସ୍ତକ ଦେଇଛି ନୂଆ ପରିଚୟ

ଆନନ୍ଦପୁର, ୧୮।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଫକୀରପୁର ଗ୍ରାମର ଜଣେ ବିଶିଷ୍ଟ ସାହିତ୍ୟିକ ଭାବେ ଶିକ୍ଷାବିତ୍ ସରୋଜ ସାହୁ ଜଣାଶୁଣା। ଆଧ୍ୟାତ୍ମିକ ଧର୍ମୀ ପୁସ୍ତକ ଲେଖିବାକୁ ସେ ଭଲ ପାଆନ୍ତି। ସରୋଜଙ୍କ ଜନ୍ମ ୧୯୭୦ ମାର୍ଚ୍ଚ ୧ରେ। ୧୯୮୪ରୁ ସାହିତ୍ୟ ସାଧାନାରେ ରୁଚି ରଖି ଆସିଛନ୍ତି। ବିଭିନ୍ନ ପ୍ରକାରର ବିଜ୍ଞାନ ଭିତ୍ତିକ ଲେଖା, କବିତା, ଗଳ୍ପ, ନାରୀ ଜୀବନ କାହାଣୀ ଉପରେ ଲେଖାସବୁ ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର ହଟାଇବା ପାଇଁ ସେ ଲେଖା ଜାରି ରଖିଛନ୍ତି। ସାମ୍ପ୍ରତିକ ଆଧ୍ୟାତ୍ମିକ ସାହିତ୍ୟରେ ଖୁବ୍ ଯଶସ୍ୱୀ ହୋଇଥିବା ପୁସ୍ତକ ଜଗନ୍ନାଥ କିଏ? ପ୍ରକାଶିତ ହୋଇଛି। ଏହି ପୁସ୍ତକ ତାଙ୍କୁ ଦେଇଛି ନୂଆ ପରିଚୟ। ପାଠକୀୟ ଆଦୃତି ଲାଭ କରିଛି। ତାଙ୍କ ରଚିତ ବହି ବିଜ୍ଞାନ ଜ୍ୟୋତି, ବିଦ୍ୟାଳୟ ସ୍ତରରେ ପିଲାଙ୍କ ମନରେ ବେଶ୍ ମନଛୁଆଁ ହୋଇପାରିଛି। ସେ ଓଷ୍ଟାର ଓଡ଼ିଶା ସଙ୍ଗଠନ ପକ୍ଷରୁ ଉତ୍କଳ ରତ୍ନ ଓ ବଡ଼ସାହିର ସମ୍ମାନ ସାଙ୍ଗକୁ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

ବିଜ୍ଞାନ ଭିତ୍ତିକ ଲେଖା ବିଭିନ୍ନ ଦିଗନ୍ତ, ତରଙ୍ଗ ଏବଂ କବିତା, ଗଳ୍ପ, ଆଧ୍ୟାତ୍ମିକ ମୂଳକ ଲେଖାସବୁ ବିଭିନ୍ନ ପତ୍ରପତ୍ରିକା ଓ ଖବର କାଗଜରେ ପ୍ରକାଶିତ ହୋଇଛି। ଜଗନ୍ନାଥ କିଏ? ପୁସ୍ତକରେ ଜଗନ୍ନାଥ ଆତ୍ମା ବା ବ୍ରହ୍ମହୋଇ ଆମ୍ଭମାନଙ୍କ ଶରୀରରେ ବିଦ୍ୟମାନ ଥିବାର ପ୍ରମାଣ ବିଭିନ୍ନ ଶାସ୍ତ୍ର ପୁରାଣରୁ ବର୍ଣ୍ଣନା ହୋଇଛି। କୃଷ୍ଣ, ରାମ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ନାରାୟଣ, ହୃଷୀକେଶ, ଗୋବିନ୍ଦ, ମାଧବ, ବାସୁଦେବ ଜଗନ୍ନାଥଙ୍କର ଅନ୍ୟନାମ ହିଁ ଅଟେ ବୋଲି ସମସ୍ତଙ୍କୁ ଜଣାଇ ସେହି ଆତ୍ମା ହିଁ ସର୍ବୋତ୍ତମ ଈଶ୍ୱର ଅଟନ୍ତି ବୋଲି ବହିରେ ଉଲ୍ଲେଖ ରହିଛି ବୋଲି ସାହିତ୍ୟିକ ତଥା ଶିକ୍ଷାବିତ୍ ସରୋଜ କହିଛନ୍ତି।

# 'ସରକାରୀ ଜମି ଜବରଦଖଲ ମୁକ୍ତ କର'



ତାରବାଡ଼ ଘେରାଯିବା ପାଇଁ ଚିହ୍ନଟ ହୋଇଥିବା ଜାଗା।

ଝୁମ୍ପୁରା, ୧୮।୧୨(ଡି.ଏନ.ଏ.)

ଝୁମ୍ପୁରା ତହସିଲ ଅନ୍ତର୍ଗତ ୬ ରାଜସ୍ୱ ସର୍କଲରେ ସରକାରୀ ଜମି ଜବରଦଖଲରେ ରହିଛି। ଗ୍ରାମାଞ୍ଚଳରେ ଜମି ଜବରଦଖଲ ନେଇ ଗ୍ରାମ୍ୟ ବିବାଦ ଦେଖାଦେଉଛି। ଗୋଚର, ଶ୍ମଶାନ, କେନାଲ ହୁଡ଼ା ଜବରଦଖଲରୁ ବାଦ ପଡୁନାହିଁ। ସରକାରୀ ଜାଗା ଅଭାବରୁ ସ୍କୁଲ, ବୈଷୟିକ ବିଦ୍ୟାଳୟ, କର୍ମଚାରୀଙ୍କ କ୍ୱାର୍ଟର୍ସ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇପାରୁନାହିଁ। ଏ ନେଇ ଫେବୃୟାରୀ ୨୦୧୮ରେ 'ଧରିତ୍ରୀ'ରେ ତଥ୍ୟ ଭିତ୍ତିକ ରିପୋର୍ଟ ପ୍ରକାଶ ପାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ରିପୋର୍ଟର ଗୁରୁତ୍ୱ ଉପଲବ୍ଧି କରି ଜବରଦଖଲକୁ ଯାଇ ନ ଥିବା ସରକାରୀ ଜାଗାକୁ ସଂରକ୍ଷିତ ରଖିବା ଏବଂ ଜବରଦଖଲ ହୋଇଥିବା ଜାଗା ସମ୍ବନ୍ଧରେ ରିପୋର୍ଟ ଦେବାକୁ ଝୁମ୍ପୁରା ତହସିଲକୁ ନିର୍ଦ୍ଦେଶ ଦିଆଯାଇଥିଲା। ସରକାରୀ ଜାଗାକୁ ତାରବାଡ଼ ଘେରାଯିବା ପାଇଁ ଜିଲା ପ୍ରଶାସନ ୨ଟି ପର୍ଯ୍ୟାୟରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଝୁମ୍ପୁରା ତହସିଲକୁ ପ୍ରଦାନ କରିଛି। ୭ ମାସ ବିତି ଯାଇଥିଲେ ହେଁ ସରକାରୀ ଜାଗାକୁ ସଂରକ୍ଷିତ ରଖିବା ପାଇଁ ପଦକ୍ଷେପ ନିଆ ଯାଇନାହିଁ। ଏ ନେଇ ୧୭ନଂ. ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ପଚାରିବାରୁ ଝୁମ୍ପୁରା ତହସିଲଦାର ଜନକ ନାୟକଙ୍କୁ ପଚାରିବାରୁ ତାରବାଡ଼ ଘେରା ଯିବା ପାଇଁ ଟଙ୍କା ଆସିବା ସହ ବ୍ଲକ କାର୍ଯ୍ୟାଳୟକୁ ଚିଠି କରିବା ସହ ଟଙ୍କା ପଠାଇ ଦେଇଛୁ ବୋଲି ସେ କହିଛନ୍ତି। ବିଡିଓ ଜୟଶ୍ରୀ ବେଉରାଙ୍କୁ ପଚାରିବାରୁ ତାରବାଡ଼ ଘେରା ଯିବା ପାଇଁ କାର୍ଯ୍ୟାଦେଶ ଦିଆ ସରିଛି। କାମ ଆରମ୍ଭ ହୋଇଛି କି ନାହିଁ ଜଣାପଡ଼ିନି ବୋଲି ସେ କହିଛନ୍ତି। ଦାୟିତ୍ୱରେ ଥିବା ଯନ୍ତ୍ରୀ ମନୋରଞ୍ଜନ ମିଶ୍ର କହିଛନ୍ତି, ପର୍ଯ୍ୟାୟକ୍ରମେ ଖୁବ୍ ଶୀଘ୍ର ସରକାରୀ ଜାଗାକୁ ସଂରକ୍ଷିତ ରଖିବା ପାଇଁ ତାରବାଡ଼ ଘେରାଯିବ।

# ଶାଳବଣି ବିଜୁ ଯୁବବାହିନୀ ପୁରସ୍କୃତ

ଆନନ୍ଦପୁର, ୧୮।୧୨(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ ଶାଳବଣି ପଞ୍ଚାୟତ ବିଜୁ ଯୁବ ବାହିନୀ ନିଜର ଦକ୍ଷତା ପ୍ରତିପାଦନ କରି ଶ୍ରେଷ୍ଠ ବିଜୁ ଯୁବ ବାହିନୀ ଭାବେ ପୁରସ୍କୃତ ହୋଇଛନ୍ତି। କେନ୍ଦୁଝର ଜିଲା ମୁଖ୍ୟାଳୟରେ ଅନୁଷ୍ଠିତ ହୋଇ ଯୁବ ସମାବେଶରେ ଜିଲାର ତିନିଗୋଟି ବିଜୁ ଯୁବ ବାହିନୀକୁ ଶ୍ରେଷ୍ଠ ମାନ୍ୟତା ମିଳିଛି। ସେଥିମଧ୍ୟରୁ ଶାଳବଣି ଅନ୍ୟତମ। ଓସ୍କା ସମ୍ପାଦିକା ଧରିତ୍ରୀ ରାଉତଙ୍କ ସଂଯୋଜନା ତଥା ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାବେଶରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର , ଜିଲାପାଳ ଆଶିଷ ଠାକରେ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ରାମରାୟ ମୁଣ୍ଡେୟା, ଜିଲାପରିଷଦ ଅଧକ୍ଷା କମଳିନୀ ପାତ୍ର, ଜିଲା ବିଜେଡି ସଭାପତି ଆଇନଜୀବୀ ଆଶିଷ ଚକ୍ରବର୍ତ୍ତୀ, ସମାଜିକ କର୍ମୀ ସାଧନା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶାଳବଣି ବିଜୁ ଯୁବ ବାହିନୀ ସଭାପତି ଲାଲୁପ୍ରସାଦ ସାମନ୍ତରାୟ ଏବଂ ବ୍ଲକ ସଂଯୋଜକ ହିମାଂଶୁ କୁମାର ରାମଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



ବିଜୁ ଯୁବ ବାହିନୀ କର୍ମକର୍ତ୍ତା ପୁରସ୍କୃତ ହେଉଛନ୍ତି।

ସେପାକ୍ ଟାକ୍ରୋ କ୍ରୀଡାରେ ରାଜ୍ୟ ସ୍ତରୀୟ ଖେଳରେ ଭାଗ ନେଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ହରିଡାପାଳ ପଞ୍ଚାୟତର କ୍ରୀଡାବିତ୍ ସୋନାଲୀ ପରିଡାଙ୍କୁ ମୁଁହିରୋ ପୁରସ୍କାର ପ୍ରଦାନ କରାଯାଇଥିଲା। ଆନନ୍ଦପୁର ପୌରପରିଷଦରେ ଦଳିତ ସମାଜରେ ଶବ ସତ୍କାର କରି କ୍ଲବ ୭ ବିଜୁ ଯୁବ ବାହିନୀ ସଭାପତି ତୋଫାନ ସାହୁ, ସମ୍ପାଦକ ସତ୍ୟନାରାୟଣ ସାହୁ, ସଦସ୍ୟ ସୌମ୍ୟରଞ୍ଜନ ନାୟକ, ସୁଜୀତ ମୁଦୁଲୀ ଓ ସରୋଜ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।

# ଉଅଁରରେ ଧାନମଣ୍ଡି ଖୋଲିଲା



ଧାନମଣ୍ଡିରେ ଉପସ୍ଥିତ ସମିତି କର୍ମକର୍ତ୍ତା।

ହାଟଡିହୀ, ୧୮।୧୨(ଡି.ଏନ.ଏ.)

ହାଟଡିହୀ ବ୍ଲକର ଉଅଁର ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡି ଖୋଲିଛି। ସମିତିର ସଭାପତି ରଞ୍ଜନ ପହି, ସମ୍ପାଦକ ଉମାକାନ୍ତ ନାୟକ, ଆର୍‌ଆଇ ମନୋରଞ୍ଜନ ନାୟକ, ଅଜୟ ଜେନା, ସୁନୀଲ ଜେନା, ଡିଇଓ ଜୟନ୍ତ ସ୍ୱାଇଁ, ସଞ୍ଜୟ ପହି, ଶ୍ରୀବତ୍ସ ପହି, ରଙ୍ଗାଧର ମଲ୍ଲିକ, ରଞ୍ଜନ ଜେନା, ବେଣୁଧର ଜେନା, ଗଣେଶ୍ୱର ବାରିକ, ପିତବାସ ସ୍ୱାଇଁ, ବିମଳ ଚନ୍ଦ୍ର ପାତ୍ର, ରତିକାନ୍ତ ପୃଷ୍ଟି, ପ୍ରମୋଦ ରାଉତ, ସସ୍ମିତା ପହି, ପ୍ରତାପ ଚନ୍ଦ୍ର ଦେଓ, ରଘୁନାଥ ଜେନା, ଗୋବିନ୍ଦ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଧାନ ମଣ୍ଡିର ଶୁଭାରମ୍ଭ କରିଥିଲେ। ୧୪୧୧ ଚାଷୀ ପଞ୍ଜୀକୃତ କରିଥିଲେ। ସେଥିମଧ୍ୟରୁ ୧୨୮ ଚାଷୀ ଅନୁମତି ପାଇଥିଲେ। ପ୍ରଥମ ପର୍ଯ୍ୟାୟରେ ୨୫ ହଜାର ୬୦୦ କ୍ୱିଣ୍ଟାଲ ଧାନ କିଣିବାକୁ ଅନୁମତି ମିଳିଥିଲା। ଚାଷୀ ଅଭିରାମ ପରିଡ଼ା, ପିତବାସ ସ୍ୱାଇଁ, ବିମଳ ପାତ୍ର ପ୍ରଥମ ଦିନରେ ଧାନ ଦେଇ ଶୁଭାରମ୍ଭ କରିଥିଲେ।

# ସୁନୀଲଙ୍କୁ ମିଳିଲା ଚିକିତ୍ସାସେବା

ଝୁମ୍ପୁରା, ୧୮।୧୨(ଡି.ଏନ.ଏ.)

ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଜଙ୍ଗଲାଞ୍ଚଳରେ ଅବସ୍ଥିତ ବସନ୍ତପୁର ପଞ୍ଚାୟତ ବାସିନ୍ଦା ସୁନୀଲ ମୁଣ୍ଡା (୧୨)ଙ୍କୁ ଚିକିତ୍ସା ସୁବିଧା ମିଳିଛି। ସୁନୀଲର ଗୋଡ଼ରେ ଘା' ବଢୁଥିଲା। ଚିକିତ୍ସା ସୁବିଧା ପାଇପାରୁ ନ ଥିଲେ। ଅସହାୟ ହୋଇ ପଡ଼ିଥିଲେ ସୁନୀଲ। ଏ ନେଇ 'ଚିକିତ୍ସାରେ ଅର୍ଥ ସାଜିଛି ବାଧକ' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ପ୍ରଶାସନିକ କର୍ତ୍ତୃପକ୍ଷ ସୁନୀଲଙ୍କ ଚିକିତ୍ସା ସୁବିଧା କରାଇଛନ୍ତି। ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ସସ୍ମିତା ନାଏକ ଏବଂ ଡା. ପିକେ ପତିଙ୍କ ତତ୍ତ୍ୱାବଧାନରେ ସୁନୀଲ ଚିକିତ୍ସିତ ହେଉଛନ୍ତି। ବ୍ଲକ ସମ୍ପ୍ରସାରଣ ଅଧିକାରୀ ରମେଶ ଚନ୍ଦ୍ର ନାଏକଙ୍କୁ ପଚାରିବାରୁ ସୁନୀଲଙ୍କ ଗୋଡ଼ର ଘା' ଠିକ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଚିକିତ୍ସା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ଥରେ ଦେଖିଲେ ଆଖି ଫେରେନା

■ଦୃଷ୍ଟି ଆଢୁଆଳରେ ପ୍ରାକୃତିକ ଜଳପ୍ରପାତ
■ବୋହି ଯାଉଥିବା ଝରଣାର ଦୃଶ୍ୟ ମନୋରମ
■ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଅପେକ୍ଷାରେ

କେନ୍ଦୁଝର, ୧୮।୧୨(ସ୍ୱ.ପ୍ର.)

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର କେନ୍ଦୁଝର ଜିଲା। ସବୁଜ ପାହାଡ଼ ଜଙ୍ଗଲ ଘେରା ଜିଲାରେ ଭରି ରହିଛି ଅନେକ ପର୍ଯ୍ୟଟନ କେନ୍ଦ୍ର। ପ୍ରତିଟି ସ୍ଥାନ ରମଣୀୟ ଓ ରୋମାଞ୍ଚକର। ଶୀତ ଋତୁରେ ସୌନ୍ଦର୍ଯ୍ୟମୟ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ପ୍ରାକୃତିକ ଝରଣା, ଜଳପ୍ରପାତ ସମସ୍ତଙ୍କୁ ମତୁଆଲା କରୁଛି। ଶୀତ ଋତୁରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଜିଲାର ବହୁ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ, ଜଳପ୍ରପାତ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇପାରିନାହିଁ। ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି। ତଥାପି ସେହି ସ୍ଥାନରେ ପର୍ଯ୍ୟଟକଙ୍କ ଆଗମନ ହେଉଛି। ବାଶଂପାଳ ବ୍ଲକର ଚମ୍ପାଝର ଗ୍ରାମର ମହାଦେବ ମୁଣ୍ଡ ପାହାଡ଼ ନିକଟରେ ରହିଛି ଦୁଇଟି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଜଳପ୍ରପାତ। ଦୁଇ ଜଳପ୍ରପାତ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ପାଇଁ ଭୂସ୍ୱର୍ଗ ହୋଇଛି।

ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୪୫ କି.ମି. ଓ ବାଶଂପାଳ ବ୍ଲକ ମୁଖ୍ୟାଳୟଠାରୁ ପ୍ରାୟ ୨୦ କିମି ଦୂରରେ ପର୍ଯ୍ୟଟନ କେନ୍ଦ୍ର ରହିଛି। ଖଣ୍ଡାଧାର ଯିବା ବାଟରେ ବରଗୋଡା ଛକଠାରୁ ଚମ୍ପାଝର ଗ୍ରାମକୁ ଯିବା ପରେ ସେଠାରୁ ମହାଦେବମୁଣ୍ଡିଆ ପାହାଡକୁ ଯିବାକୁ ପଡିଥାଏ। ମହାଦେବମୁଣ୍ଡିଆ ପାହାଡରେ ଜଳପ୍ରପାତ ଥିବାରୁ ଏହାକୁ ମହାଦେବମୁଣ୍ଡିଆ ଜଳପ୍ରପାତ ବୋଲି ଲୋକେ କହିଥାନ୍ତି। ଚମ୍ପାଝର ନିକଟରୁ ବାହାରିଥିବା ଏହି ଫୁଲରୀ ଝରଣା ପ୍ରାୟ ୫୦ରୁ ୬୦ ଫୁଟ ଉଚ୍ଚରୁ ପାଣି ତଳକୁ ଖସି ଏକମନୋରମ ଜଳପ୍ରପାତ ସୃଷ୍ଟି କରିଛି। ଥରେ ଦେଖିଲେ ଆଖି ଫେରେନା। ଆଉଥରେ ଦେଖିବାକୁ ଇଛା ହେବ। ପାହାଡ଼ ଓ ଜଙ୍ଗଲ ଘେରା ପରିବେଶରେ ତେରଚ୍ଛା ସୂର୍ଯ୍ୟ କିରଣ ସୌନ୍ଦର୍ଯ୍ୟତାକୁ ବୃଦ୍ଧି କରୁଛି। ଝରଣାର ଝରଝର ଶବ୍ଦ ନିଶବ୍ଦ ପରିବେଶକୁ ମୁଖରିତ କରୁଛି। ବଣରେ ଥିବା ମୟୂର, ବଣ କୁକୁଡାର ଡାକ ରୋମାଞ୍ଚକର ଅନୁଭୂତି ଆଣି ଦେଉଛି। ପାହାଡ ଉପରେ ରହିଛି ମହାଦେବଙ୍କ ପୂଜାସ୍ଥଳୀ, ଯାହାକୁ ନିମାଇଁ ଦେଉଳ କୁହନ୍ତି। ମହାଦେବଙ୍କ ଶିବ ଲିଙ୍ଗ ରହିଛି। ମକର ଯାତ୍ରାରେ ସ୍ଥାନୀୟ ଆଦିବାସୀ ଆସି ପୂଜାପାଠ କରିଥାନ୍ତି। ପହାଡ଼ ଉପରେ ମହାଦେବଙ୍କ ପୂଜାସ୍ଥଳୀ ଉପରୁ ଫୁଲରି ଝରଣାଟି ବୋହି ଯାଉଛି। ଲାଗୁଛି ଯେମିତି ମାହାଦେବଙ୍କ ଜଟାରୁ ପ୍ରପାତଟି ସୃଷ୍ଟି ହୋଇଛି। ପ୍ରପାତକୁ ମାହଦେବ ମୁଣ୍ଡିଆ ପ୍ରପାତ ବୋଲି କୁହାଯାଏ। ବହୁ ଆଗରୁ ନିମାଁଇ ନାମକ ଜଣେ ସନ୍ୟାସୀ ସେଠି ଶିବଙ୍କୁ ପୂଜା କରୁଥିବାରୁ ପ୍ରପାତକୁ ନିମାଇଁଝର ବୋଲି ମଧ୍ୟ ସ୍ଥାନୀୟ ଅଧିବାସୀ କହିଥାନ୍ତି। ଏହି ଜଳପ୍ରପାତଠାରୁ କିଛି ଦୂରରେ ଆଉ ଏକ ଜଳପ୍ରପାତ ରହିଛି। ଜଳପ୍ରପାତ ବଡନାଳ ଝରଣାରେ ରହିଛି। ପାଲଲହଡା ଉପଖଣ୍ଡ ନଗିରା ଅଞ୍ଚଳରୁ ଝରଣାର ପାଣି ବୋହି ଆସିଛି। ୫୦ରୁ ୬୦ ଫୁଟ୍ ତଳକୁ ଲଞ୍ଚ ମାରି ଏକ ଅପୂର୍ବ ଦୃଶ୍ୟ ସୃଷ୍ଟି କରିଛି। ଏହାକୁ ବଡଝରୀ ଜଳପ୍ରପାତ ବୋଲି ସ୍ଥାନୀୟ ଲୋକ କୁହନ୍ତି। ଗୋଟିଏ ସ୍ଥାନରେ ଦୁଇଟି ମନୋରମ ଜଳପ୍ରପାତ ରହି ପରିବେଶକୁ ଅତ୍ୟନ୍ତ ମନୋରମ କରୁଛି। ଏହାର ବିକାଶ ସହ କମିଟି ଗଠନ କରି ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲା ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି।



ବଡ଼ଝରୀ ଜଳପ୍ରପାତ।